### ବିଚ୍ ବଜାରରେ ଯୁବକଙ୍କୁ ହାଣି ଗାଡ଼ି ଚଢ଼ାଇଦେବା ଘଟଣା

# କଣାସ ଥାନା ଆଗରେ ଦୋକନ୍ଦା ଗ୍ରାମବାସୀଙ୍କ ଧାରଣା

କଣାସ, ୮।୫ (ସମିସ)

ବିଚ୍ ବଜାରରେ ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାରୀମଲ୍ଲଙ୍କୁ ମାଛକଟା ପନିକିରେ ହାଣିବା ସହ ତାଙ୍କ ଉପରେ ଗାଡ଼ି ଚଢ଼ାଇଦେବା ଘଟଣାକୁ ସାତ ଦିନ ବିତିଯାଇଥିଲେ ହେଁ ପୁଲିସ ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିପାରିନାହିଁ। ଏହାର ପ୍ରତିବାଦରେ ଆଜି ଦୋକନ୍ଦା ଗ୍ରାମବାସୀ କଣାସ ଥାନା ଆଗରେ ଧାରଣା ଦେଇଛନ୍ତି। ପାଖାପାଖି ୫ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଦୋକନ୍ଦା ଗ୍ରାମରୁ ଏକ ଶୋଭାଯାତ୍ରାରେ ବାହାରି ଗୋଲାବଜାର, ବସ୍‌ଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, ବାଲିଘାଇ ବଜାର ଦେଇ କଣାସ ଥାନା ସମ୍ମୁଖରେ ପହଞ୍ଚିବା ପରେ ଧାରଣାରେ ବସିଥିଲେ। ପରେ ସେଠାରେ ସତ୍ୟବାଦୀର ପୂର୍ବତନ ବିଧାୟକ ତଥା ଦୋକନ୍ଦା ଗ୍ରାମର ରମାରଞ୍ଜନ



ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପୁଲିସ ଚାପରେ ପଡ଼ି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ ବୋଲି ବୈଠକରେ ଅଭିଯୋଗ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ସମେତ ସମସ୍ତ ଅଭିଯୁକ୍ତଙ୍କୁ ୭ ଦିନ ମଧ୍ୟରେ ଗିରଫ କରାନଗଲେ, ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ବିକ୍ଷୋଭରେ ଦୋକନ୍ଦା ସରପଞ୍ଚ

### ୭ ଦିନରେ ମୁଖ୍ୟ ଅଭିଯୁକ୍ତ ଗିରଫ ନ ହେଲେ ତୀବ୍ର ହେବ ଆନ୍ଦୋଳନ

ଈଶ୍ୱର ହରିଚନ୍ଦନ, ସଞ୍ଜୟ କୁମାର ଛୁଆଳସିଂହ, ସମୀର ବଳିୟାରସିଂହ, ତପନ କୁମାର ସୁନ୍ଦରାୟ ଏବଂ ଗ୍ରାମ୍ୟ କମିଟିର ସମସ୍ତ କର୍ମକର୍ତ୍ତାମାନେ ବକ୍ତବ୍ୟ ରଖିଥିଲେ। ଏହାସହ ଏହି ମର୍ମରେ ଏକ ଦାବିପତ୍ର କଣାସ ଥାନାରେ ଉପସ୍ଥିତ ଥିବା ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା।

## ଚନ୍ଦନ ଯାତ୍ରା ୨୦୨୬ ଉଦ୍‌ଘାଟିତ



ସାକ୍ଷୀଗୋପାଳ,୮।୫(ସମିସ): ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ଓ ଶ୍ରୀ ଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ଆନୁକୂଲ୍ୟରେ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୁଇ ଦିନିଆ ଚନ୍ଦନ ଯାତ୍ରା ଉତ୍ସବ ୨୦୨୬ ଆଜି ଉଦଘାଟିତ ହୋଇଯାଇଛି।ନୃତ୍ୟ, ସଙ୍ଗୀତ ଓ ଭଜନ ସମାରୋହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସତ୍ୟବାଦୀ ତହସିଲଦାର ତଥା ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା ସତ୍ୟବାଦୀ ବିଡ଼ିଓ ଦେବାଶିଷ ନାୟକ, ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଳିକ ଓ ଅତିରିକ୍ତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ଯୋଗ ଦେଇଥିଲେ। ସଙ୍ଗୀତ ମହାବିଦ୍ୟାଳୟ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଯୋଜନା କରିଥିଲେ ଅଞ୍ଜନ କୁମାର ହୋତା। ରାଜ୍ୟ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସହାୟତା କ୍ରମେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଓଡିଶୀ ଓ ଭଜନ ପରିବେଷଣ କରିଥିଲେ। ସୁପ୍ରିୟା କଳା ନିକେତନ, ଭୁବନେଶ୍ୱରର ନୃତ୍ୟ ଶିଳ୍ପୀମାନେ ସମ୍ବଲପୁରୀ, ଲୋକ ନୃତ୍ୟ ଓ ବାରମାସୀ ନୃତ୍ୟ ପରିବେଷଣ କରିଥିଲେ।

## ପରଲୋକରେ ଧର୍ମପ୍ରାଣ ସୋମନାଥ ଦାଶ

ସାକ୍ଷୀଗୋପାଳ,୮।୫(ସମିସ): ଲକ୍ଷ୍ମୀ ନାରାୟଣ ସୁରକ୍ଷା କମିଟିର ପ୍ରଥମ ସଭାପତି ଧର୍ମପରାୟଣ ସେବା ମନୋଭାବାପନ୍ନ ବରିଷ୍ଠ ସମାଜପ୍ରେମୀ ସ୍ଥାନୀୟ ଆଖଣ୍ଡଳ ଜଗନ୍ନାଥପୁର ପ୍ରଚଳିତ ଗାଁ ଚନ୍ଦ୍ରକୋଟରେ ୧୯୪୨ ମସିହାରେ ଜନ୍ମିତ ସୋମନାଥ ଦାଶଙ୍କ ପରଲୋକରେ ଶୋକର ଛାୟା ଖେଳିଯାଇଛି। ଯୁବ



ଅବସ୍ଥାରେ ସେ ସରକାରୀ ରାଜସ୍ୱ ବିଭାଗରେ ନିଯୁକ୍ତି ପାଇ ମଧ ସ୍ୱାଭିମାନ ପାଇଁ ଚାକିରି ଛାଡ଼ିଥିଲେ। ତାଙ୍କର ଚାରି ପୁତ୍ର, ପୁତ୍ରବଧୂ, ଏକମାତ୍ର କନ୍ୟା ଓ ଜ୍ୱାଇଁଙ୍କ ସମେତ ଅନେକ ଆତ୍ମୀୟ ସ୍ୱଜନ,ପାଖ ପଡୋଶୀ ଶୁଭେଚ୍ଛୁ ଏବଂ ପାଞ୍ଚ ଗାଁ କୋଠ କର୍ମକର୍ତ୍ତାମାନେ ଶବାଧାର ପାଖେ ଉପସ୍ଥିତ ହୋଇ ଅନ୍ତିମ ଦର୍ଶନ କରିଥିଲେ।

## ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ପକ୍ଷରୁ କୃଷିମେଳା

ନିମାପଡ଼ା,୮।୫(ସମିସ): ସ୍ଥାନୀୟ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ (ପିଏନ୍‌ବି) ଶାଖା ପରିସରରେ କୃଷି ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ସାଧାରଣ ପରିଚାଳକ



କୁଲଦୀପ ଅଗ୍ରୱାଲା ଆଜି ଉଦ୍‌ଘାଟନ କରିଛନ୍ତି। ଉପସ୍ଥିତ ଥିବା ମହିଳା ଗୋଷ୍ଠୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ କୌଣସି କାମକୁ ଛୋଟ ଭାବନାହିଁ। ଦେଶର ବିଭିନ୍ନ ବଡ଼ବଡ଼ ଅନୁଷ୍ଠାନର ନାମନେଇ କହିଥିଲେ ଏମାନେ ଆକଶରୁ ପଡ଼ି ନାହାନ୍ତି। ନିଜର କର୍ତ୍ତବ୍ୟ ନିଷ୍ଠା ଓ ପିଏନ୍‌ବିର ସହଯୋଗରେ ଆଜି ଦେଶର ପ୍ରମୁଖ ବ୍ରାଣ୍ଡ ପାଲଟିଛନ୍ତି। ପିଏନ୍‌ବି ହସ୍ତଶିଳ୍ପ କାରିଗର, କ୍ଷୁଦ୍ର ମଧ୍ୟମ ଧରଣର ଶିଳ୍ପ ଏବଂ ମହିଳାମାନଙ୍କୁ କମ୍ ସୁଧରେ ଋଣ ପ୍ରଦାନ କରୁଛି। ଏହାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। ନିମାପଡ଼ା ଏକ କୃଷି ବହୁଳ ଅଞ୍ଚଳ। ୧୨୦ ମହିଳା ଗୋଷ୍ଠୀଙ୍କ ଅର୍ଥନୀତିକୁ ଆଗକୁ ନେବାପାଇଁ ବ୍ୟାଙ୍କ ସହଯୋଗ କରୁଛି। ଆଗାମୀ ଦିନରେ ଏହାକୁ ୨ଶହ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ(ଭୁବନେଶ୍ୱର) ଭୂଷଣ ଶର୍ମା, ସର୍କଲ ମୁଖ୍ୟ ରମେଶ କୁମାର ସାମଲ ଯୋଗଦେଇ ପିଏନ୍‌ବି ମହିଳା କୃଷି ଉଦ୍ୟୋଗୀ ଏବଂ କୃଷକମାନଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ଲାଲା ଲଜପତ ରାୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପିଏନ୍‌ବି ନିମାପଡ଼ା ଶାଖା ପରିଚାଳକ ସତ୍ୟେନ ବେହେରା, ଗୋପର ଆଦିତ୍ୟ କୁମାର ସାହୁ, ନାଗପୁର ଶ୍ରୀନିବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦ ଟି ମହିଳା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ପିଏନ୍‌ବି ବ୍ୟାଙ୍କ ମହିଳା ଗୋଷ୍ଠୀମାନଙ୍କ ପକ୍ଷରୁ ସେମାନଙ୍କର ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବ୍ୟାଙ୍କର ଆଞ୍ଚଳିକ ଅଫିସର ପ୍ରବନ୍ଧକ ଓ ନିମାପଡ଼ା ଶାଖାର କର୍ମଚାରୀ ସଞ୍ଜୟ ଦାଶ। ଗ୍ରାହକମାନେ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ।

## ଭଉଁରୀ ଯାତ୍ରା ପ୍ରସ୍ତୁତି ବୈଠକ

ବଳଙ୍ଗା,୮।୫(ସମିସ): ବଳଙ୍ଗା ପଞ୍ଚୁଦୋଳ ଯାତ୍ରା ଥାନା ପତି ବକ୍ରେଶ୍ୱର ଦେବଙ୍କ ୨୧ ବ୍ୟାପି ଚନ୍ଦନ ଯାତ୍ରା ପରିପ୍ରେକ୍ଷୀରେ ପ୍ରସିଦ୍ଧ ଭଉଁରୀ ଯାତ୍ରା ପ୍ରସ୍ତୁତି ବୈଠକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି।୧୦ ତାରିଖ ରବିବାର କାଳି ପୂଜା, ୧୧ ତାରିଖ ସୋମବାର ଭଉଁରୀ ଯାତ୍ରା, ୧୨ତାରିଖ ମଙ୍ଗଳବାର କମିଟି ତରଫରୁ ଶାଢୀ ଶିରିପା ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବା ସହିତ ମୁଖ୍ୟ ଆକର୍ଷଣ ନାଗାନୃତ୍ୟ, ପାଇକ ଆଖଡ଼ା, ଖେଳ ଆନୁସଙ୍ଗିକ ତଥା କଥିତ ସାହୀ ଯାତ୍ରା ନିର୍ଦ୍ଧାରିତ ସମୟରେ ଶାନ୍ତି ଶୃଙ୍ଖଳା ସହିତ ସମାପନ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିବା ଜଣାପଡିଛି। ବୈଠକ ରେ ଯାତ୍ରା ରେ ଅଂଶଗ୍ରହଣ କାରୀ ଗ୍ରାମ ଓ ସାହୀ ର ୧୫ ଟି ଜାଗା ଘର ମୁରବୀ, କମିଟି ପରିଚାଳନା ପରିଷଦ, ସଦସ୍ୟ ବୃନ୍ଦ, ପୋଲିସ ପ୍ରତିନିଧି ପ୍ରଭୃତି ଉପସ୍ଥିତ ଥିବା ଜଣାପଡିଛି।

## ନିମାପଡ଼ା ବ୍ଲକ୍ କଂଗ୍ରେସ ଦଳର ବୈଠକ

ନିମାପଡ଼ା,୮।୫(ସମିସ): ନିମାପଡା ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଠାରେ ବ୍ଲକ କଂଗ୍ରେସ ସଭାପତି କାଳନ୍ଦୀ ବାରିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିମାପଡା ବ୍ଲକର ସମସ୍ତ ଗ୍ରାମ ପଂଚାୟତର ପ୍ରମୁଖ କର୍ମୀମାନେ ଯୋଗଦେଇ ଆଗାମୀ ପଂଚାୟତ ନିର୍ବାଚନରେ କର୍ମୀମାନେ ସାଧାରଣ ଜନତାଙ୍କ ନିକଟତର ହୋଇ ତୃଣମୂଳ ସ୍ତରରୁ ସଂଗଠନ ମଜଭୁତ କରିବାକୁ ବିଶଦ ଭାବେ ଆଲୋଚନା କରାଯାଇଥିଲା। ବିଜେପି ଓ ବିଜେଡି ଶାସନରେ ଜନସାଧାରଣ ଅତିଷ୍ଠ ହୋଇପଡିଲେଣି। ତେଣୁ ଦେଶରେ ଏକମାତ୍ର କଂଗ୍ରେସ ହିଁ ବିକଳ୍ପ ବୋଲି ନେତାମାନେ ପ୍ରକାଶ କରିଥିଲେ। ତେଣୁ କର୍ମୀମାନେ ସମସ୍ତେ ଏକ ହୋଇ ତୃଣମୂଳ ସ୍ତରରୁ ସଂଗଠନକୁ ସଜାଡି ଦଳ ପାଇଁ କାର୍ଯ୍ୟ କରିବାକୁ ସଭାପତି ଶ୍ରୀ ବାରିକ ସମସ୍ତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର ବୈଠକରେ ଏସି. ସେଲର. ସଭାପତି ଗୋବିନ୍ଦ ମଳିକ, ଉପସଭାପତି ଜୟନ୍ତ ବେହେରା, ପ୍ରଫୁଲ୍ଲ ବେହେରା, ନିଶିକାନ୍ତ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି ଅନ୍ନଦା ପ୍ରସାଦ ପରିଜା ଓ ନରେନ୍ଦ୍ର ବେହେରା ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବ୍ରହ୍ମଗିରି,୮।୫(ସମିସ): ପୁରୀ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ବ୍ରହ୍ମଗିରି ବ୍ଲକ ପ୍ରଶାସନ ସହାୟତାରେ ଶୁକ୍ରବାର ଦିନ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ମନୀଷା ଷଡ଼ଙ୍ଗୀ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ, ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି, ମାନସିକ ଅନଗ୍ରସର ବ୍ୟକ୍ତିମାନେ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ବିଭିନ୍ନ ବିଭାଗର ପୁରୀ ମୁଖ୍ୟ ଚିକିତ୍ସାଳୟ ର ବିଶେଷଜ୍ଞ ଡାକ୍ତର ସୁଶୀଲ କୁମାର ନାୟକ, ବିକାଶ ଦାସ,ମହାବୀର ପ୍ରସାଦ ମିଶ୍ର, ଶୁଭ୍ରକାଳୀ ପରମଗୁରୁ, ସମ୍ବିତ ପାତ୍ର, ରବୀନ୍ଦ୍ର କୁମାର ଘଡାଇ, ଅପର୍ଣ୍ଣା ମହାନ୍ତି, ଚନ୍ଦନ ମହାନ୍ତି ପ୍ରମୁଖ ଡାକ୍ତର ମାନେ ଉପସ୍ଥିତରହି ସ୍ୱାସ୍ଥ୍ୟଗତ ସମସ୍ୟା ପରୀକ୍ଷା କରିଥିଲେ।ବ୍ରହ୍ମଗିରି ବ୍ଲକର ବିଭିର୍ନ ଗ୍ରାମରୁ ଶିବିରରେ ମୋଟ ୩୨୪ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ଏ ସମ୍ପର୍କରେ ଜିଲ୍ଲାସ୍ତରରେ ବିଚାର ବିମର୍ଶ ପରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ଅବସରରେ ଦୁଇଜଣ ବିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକଲ ବଣ୍ଟନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଓ ଭିର୍ନକ୍ଷମ ସଶକ୍ତି କରଣ ଅଧିକାରୀ ସନ୍ଦୀପନି ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଶିବିର ଉଦ୍‌ଯାପିତ



ଚାରିଛକ,୮।୫(ସମିସ): ନିମାପଡ଼ା ବ୍ଲକ୍ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହଯୋଗରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିରର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ରୂପେ ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୋଗଦେଥିଲେ। ସମ୍ମାନିତ ଅତିଥି ରୂପେ ପୁରୀ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ଗୋଲକ ବିହାରୀ ପଲେଇ ଏବଂ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ଯୋଗମାୟା ପଣ୍ଡା ଯୋଗଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରିଣୀ କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗ ଅଧାପକ ଜୀବନ ଦାଶ ଉଦ୍‌ଯାପନୀ ସମାରୋହ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ତିନିଦିନ ଧରି ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ଦୁଇ ଶହ ସ୍ୱେଚ୍ଛାସେବୀ ମହାବିଦ୍ୟାଳୟ ପରିସରରେ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିରରେ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଶିକ୍ଷକ ଭିକାରୀ ଚରଣ ସାହୁ, ନୃସିଂହ ମହାପାତ୍ରଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଯୋଗ ଦେଇଥିଲେ। ଶେଷରେ ସଂଯୋଜିକା ଅଧାପିକା ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସଙ୍କଟରେ ଶିକ୍ଷକ ଭବନ

## ଉପମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଶିକ୍ଷକ ସଂଘ

ବଳଙ୍ଗା,୮।୫(ସମିସ): ନିମାପଡ଼ା ବ୍ଲକ୍ ବଳଙ୍ଗା ସର୍କଲ ପ୍ରାଥମିକ ଶିକ୍ଷକ ସଂଘର ଏକ ନିଜସ୍ୱ ସ୍ଥାନ ବଳଙ୍ଗା ବଜାର ଠାରେ ରହିଛି। ଏହି ସ୍ଥାନକୁ ଦୀର୍ଘ ୪୫ ବର୍ଷ ତଳେ ମୋହିନୀ



ମୋହନ ମହାନ୍ତି ନାମକ ଜଣେ ଶିକ୍ଷକ ଦାନ କରିଥିଲେ। ଏବେ ଏହା ମୋହିନୀ ମୋହନ ଶିକ୍ଷକ ଭବନ ନାମରେ ନାମିତ ହୋଇଛି।୧୯୯୪ ମସିହାରେ ଏହି ସ୍ଥାନର ଅଧେ ଜାଗା ତତ୍କାଳୀନ ସଙ୍ଘର କର୍ମକର୍ତ୍ତା ଚଞ୍ଚକତା କରି ବିକ୍ରି କରି ଦେଇଥିଲେ। ବର୍ତ୍ତମାନ ଯେଉଁ ଶିକ୍ଷକ ଭବନ ଜାଗା ଅଛି ଜଣେ ବ୍ୟକ୍ତି ବଳ ପୂର୍ବକ ସେଠାରେ ବଳ ପୂର୍ବକ ଘର ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏହି ନିର୍ମାଣ କାର୍ଯ୍ୟକୁ ଶିକ୍ଷକ ସଂଘ ବିରୋଧ କରିବା ସହିତ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତତ୍‌ସହିତ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କ ହସ୍ତକ୍ଷେପ ଲୋଡ଼ିବା ସହିତ ଜିଲ୍ଲାପାଳ ଓ ବଳଙ୍ଗା ଥାନାରେ ମଧ ଅଭିଯୋଗ କରିଛନ୍ତି। ତେଣୁ ପ୍ରଶାସନ ଏହାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ବଳଙ୍ଗା ସର୍କଲ ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଛନ୍ତି। ସରକାର ମଧ ଘୋଷଣା କରିଛନ୍ତି ଯେ ସରକାରୀ ଓ କୌଣସି ଅନୁଷ୍ଠାନର ସମ୍ପତ୍ତି ଯେଉଁ ବ୍ୟକ୍ତି ଜବରଦଖଲ କରିଥିବ ତା' ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ଏଠାରେ ଉପ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ଶିକ୍ଷକ ଭବନକୁ ସୁରକ୍ଷିତ ରଖିବା ପାଇଁ ସାଧାରଣରେ ଦାବି ହେଉଛି।

## ବଳଙ୍ଗା ଥାନା ସାଦେରିଆ ଗାଁ'ରେ ବୋମାମାଡ଼

ବଳଙ୍ଗା,୮।୫(ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ସାଦେରିଆ ଗାଁ'ରେ ୨ଟି ବୋମା ମାଡ଼ ପରେ ଭୟ ଭିତରେ ପୂରା ଗାଁ ରହିଛି। ସୂଚନା ଅନୁସାରେ ଗତ ରାତି ୯ ଟାରେ



ସାଦଦେରିଆ ଗାଁ ର ବ୍ରଜବନ୍ଧୁ ବରାଳଙ୍କ ଘର ପଛ ପଟ ବାଡ଼ିକୁ କେହି ଦୁର୍ବୃତ୍ତ ଅଚାନକ ବୋମା ମାଡ଼ କରିଥିଲେ। ଖବର ପାଇ ସାଙ୍ଗେ ସାଙ୍ଗେ ବଳଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିବା ସମୟରେ ପୁଣି ଏକ ବୋମା ଗାଁ ମୁଣ୍ଡରେ ଫୁଟାଇଦେଲେ ଦୁର୍ବୃତ୍ତ।ଏହି ଘଟଣା କୁ ବଳଙ୍ଗା ପୁଲିସ ଅତି ଗୁରୁତର ଶହ ନେଇଥିବା ବେଳେ ବୋମା ମାଡ଼ର କାରଣ ଖୋଜୁଛି ବଳଙ୍ଗା ପୋଲିସ।ବଳଙ୍ଗା ପୁଲିସ ଘଟଣାକୁ ଅତି ଗୁରୁତର ଶହ ନେଇ ଦୁଇ ଜଣକୁ ସନ୍ଦେହ ରେ ଅଟକ ରଖି ଅଧିକ କରୁଛନ୍ତି ପଚରା ଉଚରା କରୁଥିବା ଜଣାପଡିଛି। ଏପଟେ ଏଇ ବୋମା ମାଡ଼ର କାରଣ ଅସ୍ପଷ୍ଟ ଥିବା ବେଳେ ସିଧା ସଳଖ ଅଭିଯୁକ୍ତମାନେ ପୁଲିସକୁ ଏକ ପ୍ରକାର ଚ୍ୟାଲେଞ୍ଜ ଦେଇଛନ୍ତି। ବୋମା ମାଡ଼ ପରେ ସେହି ସ୍ଥାନରେ ବ୍ଲେଡ ବାରୁଦ ଗୁଣ୍ଡ ଓ କିଛି ସୁତୁଲି ପଡିଥିବାର ଦେଖିବାକୁ ମିଳିଛି। ସାଇଣ୍ଟିଫିକ୍ ଟିମ୍ ଆସି ଅଧିକ ତଦନ୍ତ କରିବ ବୋଲି ସୂଚନା ମିଳିଛି।

# ପାଚିଲା ଧାନରେ କାଣ୍ଡବିନ୍ଧା ପୋକ; ଚାଷୀ ହତାଶ

ନିମାପଡ଼ା,୮।୫(ସମିସ)

ନିମାପଡ଼ା ବ୍ଲକ୍‌ର ପ୍ରାୟ ୩ ଶହ ଏକର ଚାଷ ଜମିରେ କାଣ୍ଡବିନ୍ଧା ପୋକ ଲାଗିଥିବା ଜଣାପଡ଼ିଛି। ଆଉ କିଛିଦିନ ପରେ ପାଚିଲା ଧାନ ଅମଳ ହୋଇଥାନ୍ତା। ହେଲେ କାମ କଲାନି ବଜାରରେ ମିଳୁଥିବା କୀଟନାଶକ ଔଷଧ, କାଣ୍ଡବିନ୍ଧା ପୋକ ଖାଇଗଲେ ୩ ଶହ ଏକର ଫସଲ। ଧାନ କ୍ଷେତରେ ଉଜୁଡ଼ା ଫସଲ ଦେଖି ଏବେ ଚିନ୍ତାରେ ଚାଷୀ। କ୍ଷତିପୂରଣ ନ ମିଳିଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟ ପକ୍ଷରେ ତହସିଲଦାର କହିଲେ ଯେ କ୍ଷୟକ୍ଷତି ରିପୋର୍ଟ ଆସିଲେ ସରକାରୀ ବ୍ୟବସ୍ଥା ଅନୁସାରେ ଚାଷୀଙ୍କୁ ମିଳିବ କ୍ଷତିପୂରଣ। ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଆଲାଣ୍ଡ ପଞ୍ଚାୟତ ଅନ୍ତର୍ଗତ ତାଳତଅଁଳା ଗ୍ରାମର ଶତାଧିକ ଚାଷୀ ଚଳିତ ରବି ଋତୁରେ ପାଖାପାଖି ୩ ଶହ ଏକର ଜମିରେ ଧାନ ଚାଷ କରିଥିଲେ। ହେଲେ ଅମଳ ହେବାକୁ ଥିବା ପାଖାପାଖି ୩ ଶହ ଏକରରୁ ଉର୍ଦ୍ଧ୍ୱ ଫସଲକୁ ସମ୍ପୂର୍ଣ୍ଣ ଭାବେ କାଣ୍ଡ ବିନ୍ଧା ପୋକ ଖାଇ ଦେବାରୁ ଏବେ ଚିନ୍ତାରେ ଚାଷୀକୂଳ। କୃଷି ବିଭାଗର ପରାମର୍ଶ ଅନୁଯାୟୀ ଉନ୍ନତ ମାନର ବିହନ, ସାର ଏବଂ କୀଟନାଶକ ଔଷଧ ପକାଇ ଚାଷ କରିଥିଲେ ମଧ ଉଜୁଡ଼ା ଫସଲ ଦେଖି ଚାଷୀକୂଳ ନିରାଶ ହୋଇଛି। ରୋଗପୋକ ଦାଉରୁ ଏଗୁଡ଼ିକ ସମ୍ପୂର୍ଣ୍ଣ ଅଗାଡ଼ିରେ ପରିଣତ ହୋଇଛି। ଏପରିକି ଏକରେ ବିଲରୁ ବସ୍ତାଏ ଧାନ ମିଳିବା ମଧ କଷ୍ଟକର। ଅନ୍ୟପଟେ କରଜ କରି ଚାଷ କରିଥିବା ଚାଷୀ ଏବେ ପରିବାର ପ୍ରତିପୋଷଣ କରିବେ ନା ଋଣ ପରିଶୋଧ କରିବେ ତାକୁ ନେଇ ଚାଷୀ ଏବେ ଚିନ୍ତାରେ ଥିବା ବେଳେ ରୋଗପୋକରୁ ଫସଲକୁ ସୁରକ୍ଷା ଦେବା ପାଇଁ ବଜାରରେ ମିଳୁଥିବା କୀଟନାଶକ ଔଷଧର ମାନକୁ ନେଇ ଚାଷୀ ମାନେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ବାରମ୍ବାର ସ୍ଥାନୀୟ କୃଷି ବିଭାଗ ଓ ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। କ୍ଷତିପୂରଣ ନମିଳିଲେ ଶତାଧିକ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ବାବଦରେ ତହସିଲଦାର ମନୋଜ କୁମାର ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି କ୍ଷୟକ୍ଷତି ରିପୋର୍ଟ ଆସିଲେ ସରକାରୀ ବ୍ୟବସ୍ଥା ଅନୁଯାୟୀ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ଓ ବଜାରରେ ମିଳୁଥିବା କୀଟନାଶକ ଔଷଧର ମାନ ଯାଞ୍ଚ ପାଇଁ ମିଳିତ ଚଢ଼ଉ କରାଯିବ ବୋଲି ସ୍ଥାନୀୟ ତହସିଲଦାର କହିଛନ୍ତି। ଆଜି ନିମାପଡ଼ାର ଜାଗ୍ରତ ଯୁବ ଶକ୍ତି ସଂଗଠନର ସଦ୍ୟସମାନେ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା କୃଷି ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।





୮/୫/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୭୨,୬୮୦/- ସୁନା:୫୧.୦୫୦ ଗ୍ରାମ୍ ରୁପା: ୨୧.୭୦୦ ଗ୍ରାମ୍



▶ ସେବାୟତ-ସାମ୍ବାଦିକ ମୁହାଁମୁହିଁ

# ବୁଝାଇବାକୁ ନେତା, ଅଧିକାରୀ ଝାଳନାଳ

ପୁରୀ,୮।୫(ସମିସ): ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ ହୋ ହଲ୍ଲା ମଧ୍ୟରେ ଶେଷ ହୋଇଛି। ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପ୍ରଶ୍ନବାଣର ଶିକାର ହେବାକୁ ନେଇ ବୈଠକ ବେଶ୍ ସରଗରମ୍ ରହିଥିବା ବେଳେ ଆରମ୍ଭରୁ ସେବାତୟ ଓ ସାମ୍ବାଦିକ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଥିଲା। ଅଧିକାରୀଙ୍କୁ ରଥଯାତ୍ରା ପ୍ରସ୍ତୁତି ସଂକ୍ରାନ୍ତୀୟ ପ୍ରଶ୍ନ ପଚାରିବାକୁ ନେଇ ଉଭୟେ ମୁହାଁମୁହିଁ ହୋଇଥିଲେ। ଥରେ ନୁହେଁ ଏକାଧିକଥର ବୈଠକରେ ଏଭଳି ହଟ୍ଟଗୋଳ ହୋଇଥିଲା। ଏପରି କି ପରସ୍ପର ସିଟ୍‌ରୁ ଉଠି ପ୍ରତିପକ୍ଷଙ୍କ ପାଖକୁ ଆସିଯାଇଥିଲେ। ଫଳରେ ସ୍ଥିତିକୁ ସ୍ୱାଭାବିକ କରିବାକୁ ଯାଇ ଝାଳନାଳ ହୋଇଯାଇଥିଲେ ମଞ୍ଚରେ ଥିବା ନେତା ଓ ଅଧିକାରୀ। ଆରମ୍ଭରୁ ସେବାୟତ-ସାମ୍ବାଦିକଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଯୁକ୍ତିତର୍କ ଶେଷ ପର୍ଯ୍ୟନ୍ତ ଲାଗି ରହିଥିଲା।

ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ଚାପ ବନ୍ଦ ହେବା ନେଇ ସାମ୍ବାଦିକମାନେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିଛି ସେବାୟତଙ୍କ ଜିଦ୍ ପାଇଁ ଠାକୁର ଚାପ ନ ଖେଳି ଶ୍ରୀମନ୍ଦିର ଫେରିଥିଲେ ବୋଲି କହିଥିଲେ। ଏହାକୁ ନେଇ କିଛି ସେବାୟତ ଉତ୍‌କ୍ଷିପ୍ତ ହୋଇଥିଲେ। ସାମ୍ବାଦିକଙ୍କ ସହ ଯୁକ୍ତିତର୍କ କରିଥିଲେ। ସେହିପରି ବରାଦୀ ଅବଢା ନେବାକୁ ଉତ୍ତର ଦ୍ୱାରରେ ଏକାଧିକ ଗାଡି ପାର୍କିଂ କରୁଥିବାରୁ ପୁରୀବାସୀ ଏପରି କି ଭକ୍ତମାନେ ଯାତାୟାତ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନେ ଦିନେ ଅବଢା ବାହାରିବାରେ ବିଳମ୍ବ ହେଉଥିବା ବେଳେ ଗାଡିଗୁଡ଼ିକ ଯାତାୟାତ ମାର୍ଗରେ ୨/୩ ଘଣ୍ଟା ଧରି ଛିଡା ହେଉଛି। ପ୍ରଶାସନ ଏହାର ସମାଧାନ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଜଣେ ବରିଷ୍ଠ ସାମ୍ବାଦିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏହାକୁ ଗ୍ରହଣ କରିପାରି ନ ଥିଲେ କିଛି ସେବାୟତ। ମହାପ୍ରସାଦ ସହ ବ୍ୟବସାୟ ଶବ୍ଦ ଯୋଡିବା ଆଦୌ ଠିକ୍ ନୁହେଁ କହି ସାମ୍ବାଦିକଙ୍କ ମନ୍ତବ୍ୟକୁ ତୀବ୍ର ବିରୋଧ କରିଥିଲେ। ଫଳରେ ବୈଠକ ବେଶ୍ ସରଗରମ୍ ହୋଇଥିଲା। ସେହିପରି ସାମ୍ବାଦିକ କୌଣସି ପ୍ରଶ୍ନ କଲେ ଏହାକୁ ଏଡାଇ ଅଧିକାରୀଙ୍କୁ ଆଗକୁ ବଢିବାକୁ ସେବାୟତ କହୁଥିବା ସାମ୍ବାଦିକ ଅଭିଯୋଗ କରିଥିଲେ। ଏମିତି ଏକାଧିକ ପ୍ରସଙ୍ଗକୁ ନେଇ ଆରମ୍ଭରୁ ସେବାୟତ ଓ ସାମ୍ବାଦିକ ମୁହାଁମୁହିଁ ହୋଇଥିଲେ।

## ବୀମା ସହାୟତା ୧୫ ଲକ୍ଷ କରାଯାଉ

ଚଳିତବର୍ଷ ରଥଯାତ୍ରାରେ ୧୫/୨୦ଲକ୍ଷ ଭକ୍ତ, ଦର୍ଶନାର୍ଥୀ ଓ ଯାତ୍ରୀଙ୍କ ସମାଗମ ହେବା ଆଶା କରିଛି ପ୍ରଶାସନ। ତେଣୁ ଏତେ ସଂଖ୍ୟକ ଭକ୍ତ ଗୋଟିଏ ଜାଗାରେ ଏକାଠି ହେଉଥିବାରୁ ଘଟଣା ଦୁର୍ଘଟଣାର ସମ୍ଭାବନା ରହିଛି। ଭିଡ଼ ଭିତରେ ଧନ ଜୀବନ ପ୍ରତି ବିପଦ ଆଶଙ୍କାକୁ ଏଡାଇ ଦେଇହେବ ନାହିଁ। ତେଣୁ ଏହାକୁ ନଜରରେ ରଖି ରଥଯାତ୍ରା ପାଇଁ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ, ସେବାୟତ ପ୍ରମୁଖଙ୍କୁ ବୀମାଭୁକ୍ତ କରାଯିବ। ପୁରୀ ମହାନଗର ନିଗମ ଅଞ୍ଚଳରେ ରଥଯାତ୍ରା ଅବଧି ମଧ୍ୟରେ ଏହି ବୀମା କଭର କରିବ। ଏହି ସମୟରେ ଯଦି କାହାର ଅସ୍ୱାଭାବିକ, ଦୁର୍ଘଟଣାଜନିତ ମୃତ୍ୟୁ ଘଟେ ତେବେ ୫ ଲକ୍ଷ ଟଙ୍କା ବୀମା ସହାୟତା ମିଳିବ ବୋଲି ଘୋଷଣା କରାଯାଇଛି। କିନ୍ତୁ ଏହି ବୀମା ସହାୟତା ୫ଲକ୍ଷ ନୁହେଁ ଅନ୍ୟୁନ ୧୫ ଲକ୍ଷ ଟଙ୍କା କରିବାକୁ ସାମ୍ବାଦିକ ଦାବି କରିଛନ୍ତି। ଏହାକୁ ମଧ୍ୟ ସେବାୟତ ଏବଂ ବୁଦ୍ଧିଜୀବୀ ସମର୍ଥନ କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ ଏହା ଉପରେ କ'ଣ ନିଷ୍ପତ୍ତି ନେଉଛି।

### ■ ଅହମ୍ମଦାବାଦରୁ ଆସିବ ରଥକନା

ତିନିରଥ ପାଇଁ ନାଲି, ସବୁଜ, ହଳଦିଆ ଓ କଳା ରଙ୍ଗର ରଥକନା ଦରକାର ପଡିଥାଏ। ପ୍ରତିବର୍ଷ ଗୁଜୁରାଟର ଅହମ୍ମଦାବାଦରୁ ଏହି ରଥ କନା ଆସିଥାଏ। ଏ ବର୍ଷ ୧,୬୦୦ ମିଟର ରଥକନା ଅହମ୍ମଦାବାଦରୁ ଆସିବା ପାଇଁ ଅର୍ଡର ଦିଆଯାଇଛି। ମେ ଶେଷ ସୁଦ୍ଧା ରଥକନା ଆସି ପହଞ୍ଚିବ ବୋଲି ନୀତି ପ୍ରଶାସକ ସୂଚନା ଦେଇଥିଲେ। ସେହିପରି ଝୁଣା ମହଜୁଦ୍ ଅଛି ଏବଂ ଅଧିକ ୨୦୦ କେଜି ମଧ୍ୟ ମଗାଯାଇଛି। ରଥଯାତ୍ରା ପାଇଁ ଆବଶ୍ୟକ ଭଲ ଚନ୍ଦନକାଠ ମହଜୁଦ୍ ଅଛି। ତାମିଲନାଡୁ କୋଏମ୍ବାଟୁରରୁ ୩୦୦ କେଜି ଚନ୍ଦନକାଠ ଆସିଛି। ଓଡ଼ିଶା ସମବାୟ କତା ନିଗମ ଚଳିତ ମାସ ଶେଷ ସୁଦ୍ଧା ୨୮ଟି ରଥ ଟଣା ଦଉଡ଼ି ଏବଂ ୬ଟି କଡର୍ନ ଦଉଡ଼ି ଯୋଗାଇଦେବ। ବାସୁଙ୍ଗାପାଟ ସାମ୍ଭୁଲ ଦଇତାପତି ସେବକମାନେ ପରଖିବା ପରେ ସେରିଫେଡ୍ ଯୋଗାଇଦେବ ବୋଲି ନୀତି ପ୍ରଶାସନ କହିଥିଲେ।



ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ପ୍ରବେଶ ଏବଂ ଦର୍ଶନ ସୁବିଧା ପାଇଁ ପୁରୀବାସୀଙ୍କ ପ୍ରତିବାଦ ପଦଯାତ୍ରା ୩୮ ଦିନରେ

## ଭାରତୀୟ କଳାଶ୍ରୀ ସମ୍ମାନ ଉଦ୍‌ଘାଟିତ

ପୁରୀ,୮।୫(ସମିସ): ଇଣ୍ଡିଆନ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲ୍‌ଚର ପକ୍ଷରୁ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନରେ ଅଷ୍ଟମ ଭାରତୀୟ କଳାଶ୍ରୀ ସମ୍ମାନ ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଗୁରୁ ପ୍ରଫେସର ଡ. ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ପ୍ରଦ୍ୟୁମ୍ନ ମିଶ୍ର ଓ ରାଜେଶ ମହାପାତ୍ର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ସେବକ ପ୍ରଭୁଜୀ ଗୌରୀଶଙ୍କର ସିଂହାରୀ, ନୀଳମଣି ଗୁରୁ ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷକ ଏବଂ ଅନୁଷ୍ଠାନର ମୁଖ୍ୟ ଡ. ମନମୋହନ ଶର୍ମା ମଞ୍ଚାସୀନ



ଥିଲେ। ପ୍ରଥମ ଅଧିବେଶନରେ ପ୍ରାୟ ୯୫ଜଣ ଶିଳ୍ପୀଙ୍କୁ ପ୍ରମାଣପତ୍ର, ଉପଢୌକନ, ଟ୍ରଫି ଏବଂ ଭାରତୀୟ କଳାଶ୍ରୀ ବିନ୍ଦୁ ସମ୍ମାନ ପ୍ରଦାନ କରାଯିବା ସହିତ ଗୁରୁମାନଙ୍କୁ ଭାରତୀୟ କଳାଶ୍ରୀ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ୪୫ ଜଣଙ୍କୁ ଭାରତୀୟ କଳାଶ୍ରୀ କମଳ ସମ୍ମାନ ଓ ୩ ଜଣ ଯୁବ ଗୁରୁଙ୍କୁ ଭାରତୀୟ କଳାଶ୍ରୀ ରତ୍ନ ସମ୍ମାନ ସହିତ ଓଡିଶୀ ନୃତ୍ୟଗୁରୁ ପାଗଳ ସ୍ୱାଇଁଙ୍କୁ ଭାରତୀୟ କଳାଶ୍ରୀ ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟରେ ଚଳଚଞ୍ଚଳ ହୋଇ ଉଠିଥିଲା ସଂସ୍କୃତି ଭବନ। ଗୁରୁ ବସନ୍ତ କୁମାର ମହାରଣା ମଞ୍ଚ ପରିଚାଳନା କରିଥିବା ବେଳେ ଉପସ୍ଥାପନା କରିଥିଲେ ଦିବ୍ୟାଂଶା ଦିବ୍ୟାଂଶି। ଏହାକୁ ସଂଯୋଜନା କରିଥିଲେ ଶୁଭଲକ୍ଷ୍ମୀ ଓ ଅନ୍ୟମାନେ। ଭାରତର କୋଣାନୁକୋଣରୁ ଓଡିଶୀ, କଥକ, ଭାରତନାଟ୍ୟମ୍, କୁଚିପୁଡି ତଥା ଲୋକନୃତ୍ୟର ମହାସଙ୍ଗମ ଘଟିଥିଲା।

● ଜୁଭେଣ୍ଟିକା ସଚେତନତା କାର୍ଯ୍ୟକ୍ରମ

## କିଶୋରୀଙ୍କୁ ସଚେତନ କଲା ପୁଲିସ



ପୁରୀ,୮।୫(ସମିସ): ରାଜ୍ୟ ପୋଲିସ ପକ୍ଷରୁ ଚାଲୁଥିବା 'ଜୁଭେଣ୍ଟିକା' ସଚେତନତା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପୁରୀର ସବୁ ଥାନାରେ ଥାନାରେ ମଧ୍ୟ ବିଶେଷ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସବୁ ଥାନା ଅଞ୍ଚଳର ପାଞ୍ଚଟି ଅଙ୍ଗନବାଡ଼ି କେନ୍ଦ୍ରର କିଶୋରୀ ଝିଅମାନଙ୍କୁ ଥାନାକୁ ଆମନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀମାନେ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କିଶୋରୀମାନଙ୍କୁ ସ୍ୱାସ୍ଥ୍ୟ, ଆତ୍ମବିଶ୍ୱାସ, ସାଇବର ସଚେତନତା ଓ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବିଷୟରେ ପରାମର୍ଶ ଓ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପୁଲିସ ପକ୍ଷରୁ କିଶୋରୀମାନଙ୍କ ସହ ମୁକ୍ତ ଆଲୋଚନା କରାଯାଇ ସେମାନଙ୍କୁ ଜଣାଇ ଦିଆଯାଇଥିଲା ଯେ, କୌଣସି ପ୍ରକାର ସମସ୍ୟା, ଅସୁବିଧା କିମ୍ବା ସାଇବର ଅପରାଧର ଶିକାର ହେଲେ ସେମାନେ ନିର୍ଭୟରେ ପୁଲିସଙ୍କ ସହାୟତା ନେଇପାରିବେ। ବହୁ ସମୟରେ ଅଜ୍ଞତା ଓ ଭୟ କାରଣରୁ ଅନେକ ଝିଅ ସାଇବର ଅପରାଧର ଶିକାର ହୋଇ ନୀରବ ରହିଥାନ୍ତି। ଫଳରେ ସେମାନେ ଅଧିକ ସମସ୍ୟାରେ ପଡିଥାନ୍ତି। ତେଣୁ ସେମାନଙ୍କୁ ଏ ବିଷୟରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ସଚେତନତାମୂଳକ ଭିଡିଓ ପ୍ରଦର୍ଶନ କରାଯାଇଥିଲା ଏବଂ ସମସ୍ତଙ୍କୁ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା।

### ବିଶ୍ୱ ରେଡକ୍ରସ ଦିବସ ପାଳିତ

## 'ସେବା ଏକ ଐଶ୍ୱରୀୟ ଗୁଣ'

ପୁରୀ,୮।୫(ସମିସ)

ରେଡକ୍ରସ ବିଶ୍ୱର ସର୍ବବୃହତ ମାନବ ସେବାକାରୀ ଅନୁଷ୍ଠାନ। ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ ବା ଅନ୍ୟ ଯେ କୌଣସି ବିପର୍ଯ୍ୟୟର ସମ୍ମୁଖୀନ ମଣିଷ ମାନଙ୍କୁ ସହାୟତା ପାଇଁ ରେଡକ୍ରସ ସର୍ବପ୍ରଥମେ ପହଞ୍ଚିଥାଏ। ତେଣୁ ଆଜିର ଯୁବପିଢି ସେବା ମୂଳକ କାର୍ଯ୍ୟରେ ବ୍ରତୀ ହେବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଶୁକ୍ରବାର ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ପୁରୀ ଜିଲ୍ଲା ରେଡକ୍ରସ ଶାଖା ମାନବ ସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ଏହି ସେବାକୁ ଆହୁରି ପରିବ୍ୟାପ୍ତ କରିବାକୁ ଆହ୍ୱାନ ଦେଇଥିଲେ। ସେବା ଏକ ଐଶ୍ୱରୀୟ ଗୁଣ। ଏହାକୁ ପ୍ରଦାନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ମହାନ ଅଟନ୍ତି ବୋଲି କହିଥିଲେ।

ରେଡ୍‌କ୍ରସ ପୁରୀ ଜିଲ୍ଲା ଶାଖାର ସମ୍ପାଦକ ତଥା ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ବିପିନ ବିହାରୀ ଖୁଣ୍ଟିଆ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ରେଡ୍‌କ୍ରସ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୁଖ ଯୋଗଦେଇ ରେଡକ୍ରସ ସଂସ୍ଥା, ପ୍ରତିଷ୍ଠାତା ହେନେରୁ ଡୁନାଣ୍ଟ ଓ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରେଡ୍‌କ୍ରସ ପାଣ୍ଠି ସଂଗ୍ରହରେ ଅବଦାନ ରଖିଥିବା ପୁରୀ ଓ ସତ୍ୟବାଦୀ ତହସିଲଦାର ଓ ଡେପୁଟି କଲେକ୍ଟର ଜୁଡିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଦସ୍ୟ ଶ୍ୟାମ ପ୍ରକାଶ ସେନାପତି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସକାଳ ୭ଟାରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରେଡ୍‌କ୍ରସ ପତାକାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଉତ୍ତୋଳନ କରିବା ସହ ରେଡକ୍ରସ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ପରେ ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ ଶତପଥୀଙ୍କ ଉପସ୍ଥିତିରେ ସମସ୍ତ ଅତିଥିଙ୍କ ଦ୍ୱାରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଡକ୍ରସ ସଦସ୍ୟ ମାନେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟରେ ରେଡକ୍ରସ କର୍ମଚାରୀ ଆଦିତ୍ୟ କୁମାର ବରାଳ, ବିଶ୍ୱଭୂଷଣ ଦାଶ, ଆଜୀବନ ସଦସ୍ୟ, ଜୁନିୟର ରେଡକ୍ରସ ସଦସ୍ୟ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦେଇଥିଲେ।

### ସିପିଏସ୍‌ରେ ଆଲୋଚନାଚକ୍ର

## ପ୍ରାଚୀନ ବିଦ୍ୱାନ ଉନ୍ନତ ଔଷଧ ପ୍ରଣାଳୀ ପ୍ରତିଷ୍ଠା କରିବାରେ ସିଦ୍ଧହସ୍ତ



ପୁରୀ,୮।୫(ସମିସ): ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ (ସିପିଏସ୍)ରେ 'ଇଣ୍ଡିଆନ ନଲେଜ ସିଷ୍ଟମ: ଇମ୍ପାକ୍ଟ ଅନ୍ ଫାର୍ମାସୀ ଇନ୍ ମଡର୍ଣ୍ଣ ଏରା' ଶୀର୍ଷକ ଦୁଇଦିନିଆ ଆଲୋଚନାଚକ୍ର ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଓ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାପାତ୍ରଙ୍କ ସହଯୋଗିତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୟୁଡିପିଏସ୍ ଫାର୍ମାସୀ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡ. ସୁଶାନ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରଫେସର ଡା. ଜିତେନ୍ଦ୍ର କୁମାର ସାସମଲ ଓ ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ଉପାଧ୍ୟକ୍ଷ ସଞ୍ଜୟ କୁମାର ନାୟକ, ନିର୍ଦ୍ଦେଶକ ଡ. ଗଣେଷ ଦାଶ, ପ୍ରଫେସର ଡ. ନିକୁଞ୍ଜ କିଶୋର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚ୍ୟ ବିଷ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେମାନେ କହିଥିଲେ, ଆଧୁନିକ ଔଷଧ ଶିଳ୍ପର ବିକାଶର ବହୁ ପୂର୍ବରୁ ଆମର ପ୍ରାଚୀନ ବିଦ୍ୱାନ ଏବଂ ଚିକିତ୍ସକମାନେ ଆୟୁର୍ବେଦ, ସିଦ୍ଧ, ୟୁନାନୀ, ଯୋଗ ଏବଂ ଅନ୍ୟାନ୍ୟ ପାରମ୍ପରିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ଉନ୍ନତ ଔଷଧ ପ୍ରଣାଳୀ ପ୍ରତିଷ୍ଠା କରିବାରେ ସିଦ୍ଧହସ୍ତ ଥିଲେ। ବର୍ତ୍ତମାନ ଭାରତୀୟ ଔଷଧର ଜ୍ଞାନ କୌଶଳ ହଜାର ହଜାର ବର୍ଷ ପୂର୍ବେ ଚରକ ସଂହିତା ଏବଂ ସୁଶ୍ରୁତ ସଂହିତା ଭଳି ପ୍ରାଚୀନ ଗ୍ରନ୍ଥର ଚିକିତ୍ସା ଏବଂ ଔଷଧ ପ୍ରସ୍ତୁତି କରିବାର ବିଧିଗୁଡିକରୁ ଆଦୃତ ହୋଇଛି। ଏହି ପୁରାତନ ଗ୍ରନ୍ଥଗୁଡିକରେ ଔଷଧୀୟ ଗଛ, ଔଷଧ ପ୍ରସ୍ତୁତି, ଶଲ୍ୟ ଚିକିତ୍ସା କୌଶଳ, ରୋଗ ନିର୍ଣ୍ଣୟ ଏବଂ ରୋଗୀ ଯତ୍ନକୁ ସଠିକ୍ ଭାବେ ଉଲ୍ଲେଖ କରାଯାଇଛି। ଫାର୍ମାସୀ ଏବଂ ସ୍ୱାସ୍ଥ୍ୟସେବାର ଛାତ୍ରଛାତ୍ରୀମାନେ ବୃତିଗତ ଭାବେ ଆଧୁନିକ ବୈଜ୍ଞାନିକ ଉନ୍ନତିକୁ ଗ୍ରହଣ କରିବା ସହିତ ଆମର ପାରମ୍ପରିକ ଜ୍ଞାନକୁ ଆପଣେଇପାରିଲେ ମାନବତାର କଲ୍ୟାଣ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ତ୍ରୈମାସିକ ସୂଚନା ପତ୍ରିକା 'ନିୟୁଜଲେଟର' ୨୦୨୫ ବର୍ଷର ୪ର୍ଥ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମଧ୍ୟରେ ସିଦ୍ଧେଶ୍ୱର ପ୍ରସାଦ ପାଟ୍ଟଯୋଶୀ, ଅନୁପ କୁମାର ପାତ୍ର, ସନ୍ଧ୍ୟାରାଣୀ ପାଟ୍ଟଯୋଶୀ, ବିଦୁସ୍ମିତା ପ୍ରଧାନ ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ ଆଲୋଚନାଚକ୍ର ପରିଚାଳନାରେ ସହଯୋଗ କରିଥିଲେ।

● ଉଦ୍‌ବେଗ ପ୍ରକାଶ କଲେ ବୁଦ୍ଧିଜୀବୀ

## ଅଟୋ-ଟୋଟୋ ଚାଳକଙ୍କ ଉପରେ ରହୁନି ଲଗାମ

ପୁରୀ,୮।୫(ସମିସ): ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକରେ ପୁରୀ ସହରର ପରିବହନ ବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେବାୟତ, ସାମ୍ବାଦିକ ଓ ବୁଦ୍ଧିଜୀବୀମାନେ ପରିବହନ ବିଭାଗର ସ୍ଥାଣୁତାକୁ ନେଇ ଆର୍‌ଟିଓଙ୍କୁ ଘେରିଥିଲେ। ସେମାନେ କହିଥିଲେ ଯେ, ପୁରୀ ସହରରେ ଅଟୋ ଓ ଟୋଟୋ ଚାଳକଙ୍କ ଉପରେ ପୁଲିସ କିମ୍ବା ପରିବହନ ବିଭାଗର କୌଣସି ଲଗାମ ରହୁନାହିଁ। ସେମାନେ ବେପରୁଆ ଓ ବେଆଇନ ଭାବେ ଗାଡ଼ି ଚଳାଉଛନ୍ତି। କିଛି ଅସାମାଜିକ ଯୁବକ ମଧ୍ୟ ଅଟୋ ଚଳାଉଥିବା ଅଭିଯୋଗ ହୋଇଛି। ଗୁରୁବାର ସନ୍ଧ୍ୟାରେ ଶ୍ରୀମନ୍ଦିର ନିକଟରେ ଏକ ଟୋଟୋକୁ ଜଣେ ମହିଳା ପୁଲିସ କନଷ୍ଟେବଲ ଅଟକାଉଥିବା ବେଳେ ଟୋଟୋ ଚାଳକ ଗାଡ଼ି ନ ଅଟକାଇ ତାଙ୍କୁ କିଛି ବାଟ ଘୋଷାଡି ନେଇଥିଲେ। ଏହି ଘଟଣା ସହରର ଆଇନ ଶୃଙ୍ଖଳା ଓ ପରିବହନ ବ୍ୟବସ୍ଥାର ସ୍ଥିତିକୁ ପଦାରେ ପକାଇଛି। ସେହିପରି ଅଟୋ ଏବଂ ଟୋଟୋ ଚାଳକମାନେ ଭକ୍ତ ଓ ପର୍ଯ୍ୟଟକଙ୍କଠାରୁ ମନଇଚ୍ଛା ଭଡ଼ା ଆଦାୟ କରୁଛନ୍ତି। ଅନ୍ୟ ସହର ତୁଳନାରେ ପୁରୀରେ ଧାର୍ଯ୍ୟ ଅଟୋ ଭଡ଼ା ସବୁଠାରୁ ଅଧିକ। ୨/୩ କିଲୋମିଟରକୁ ୧୫୦/୨୦୦ ଟଙ୍କା ନେଉଛନ୍ତି। ବସ୍‌ରେ ମଧ୍ୟ ସମାନ ଅବସ୍ଥା। ପୁରୀରୁ ଭୁବନେଶ୍ୱର ଓ କଟକ ଚଳାଚଳ କରୁଥିବା ଘରୋଇ ବସ୍‌ଗୁଡ଼ିକ ମଧ୍ୟ ନିୟମ ମାନୁନାହାନ୍ତି। ଅଧିକାଂଶ ବସ୍‌ରେ ରେଟ୍‌ଚାର୍ଟ ଲଗାଯାଉନାହିଁ। ଧାର୍ଯ୍ୟ ଭଡ଼ାଠାରୁ ୨୦ରୁ ୩୦ ଟଙ୍କା ଅଧିକ ନେଉଛନ୍ତି। ଅନେକ ଯାତ୍ରୀଙ୍କୁ ଟିକେଟ୍ ମଧ୍ୟ ଦିଆଯାଉନାହିଁ। ଯେଉଁ କେତେକ ବସ୍ ଟିକେଟ୍ ଦେଉଛନ୍ତି, ସେଥିରେ କିଲୋମିଟର, ଧାର୍ଯ୍ୟ ଭଡ଼ା ଆଦି କିଛି ଉଲ୍ଲେଖ ରହୁନାହିଁ। ଫଳରେ ଯାତ୍ରୀମାନେ ଠକେଇର ଶିକାର ହେଉଛନ୍ତି। ଆର୍‌ଟିଓ କହିଥିଲେ ଯେ, ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରି ନିୟମିତ ଯାଞ୍ଚ କରାଯାଉଛି। ଆଗକୁ ଏହିସବୁ ସମସ୍ୟାର ସମାଧାନ ଦିଗରେ ପୁଲିସ ସହଯୋଗରେ ପଦକ୍ଷେପ ନେବେ ବୋଲି କହିଥିଲେ।

**ଧାର୍ଯ୍ୟ ଭଡାଠାରୁ ଅଧିକ ନେଉଛନ୍ତି ଘରୋଇ ବସ୍**

## ଆଜିଠୁ ପୁରୀ ବକ୍ସିଂ ଏକାଡେମୀର ଗ୍ରୀଷ୍ମ ଶିବିର

ପୁରୀ,୮।୫(ସମିସ): ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ମେ ୧୦ରୁ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା କ୍ରୀଡା ସଂକଳନଠାରେ "ମୁଷ୍ଟିଯୁଦ୍ଧ ଗ୍ରୀଷ୍ମ ଶିବିର ୨୦୨୬' ଆୟୋଜିତ ହେବ। ଏହି କ୍ୟାମ୍ପରେ ୯ ବର୍ଷରୁ ଊର୍ଦ୍ଧ୍ୱ ପୁଅ ଓ ଝିଅମାନେ ଯୋଗଦେଇ ପାରିବେ। ପ୍ରତିଦିନ ସକାଳ ୬ଟାରୁ ୮ଟା ଏବଂ ଅପରାହ୍ନ ୪ଟା ୫୦ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅଭ୍ୟାସ ଚାଲିବ। କ୍ୟାମ୍ପରେ ବକ୍ସିଂର ପ୍ରାଥମିକ ପ୍ରଶିକ୍ଷଣ, ଫିଟ୍‌ନେସ, ଷ୍ଟାମିନା ବୃଦ୍ଧି, ସେଲ୍ଫ ଡିଫେନ୍ସ, ଶୃଙ୍ଖଳା ଓ କ୍ରୀଡା ମନୋଭାବ ଉପରେ ପ୍ରଶିକ୍ଷଣ ଦିଆଯିବ। ଅଭିଜ୍ଞ କୋଚ ପ୍ରଶିକ୍ଷଣ ଦେବେ। ଉଲ୍ଲେଖଯୋଗ୍ୟ ଯେ, ଏକାଡେମୀର ଛାତ୍ରଛାତ୍ରୀ ପ୍ରତିବର୍ଷ ରାଜ୍ୟ ଓ ଜାତୀୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରି ସଫଳତା ଅର୍ଜନ କରୁଛନ୍ତି। ଏହି କ୍ୟାମ୍ପ ଯୁବପିଢିଙ୍କୁ ଭବିଷ୍ୟତରେ ଉତ୍କୃଷ୍ଟ ବକ୍ସର ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ଏକାଡେମୀ ପକ୍ଷରୁ କୁହାଯାଇଛି।

### ଅବଢ଼ା ପାଇଁ ଝାଉଁକାଠ ଅଭାବ

# ବନ୍ଦହେବ ହବିଷ୍ୟାଳିଙ୍କ ମହାପ୍ରସାଦ

ପୁରୀ,୮।୫(ସମିସ)

ଶ୍ରୀମନ୍ଦିରରେ ମହାପ୍ରସାଦ ତଥା ଅବଢା ରାନ୍ଧିବା ପାଇଁ ଆବଶ୍ୟକ ପରିମାଣର ଝାଉଁକାଠ ମିଳୁ ନ ଥିବାରୁ ସୁଆର ମହାସୁଆର ନିଯୋଗ ସେବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ରଥଯାତ୍ରାର ପ୍ରଥମ ସମନ୍ୱୟ କମିଟି ବୈଠକରେ ନିଯୋଗ କର୍ମକର୍ତ୍ତାମାନେ ଏହି ସମସ୍ୟା ଉଠାଇଛନ୍ତି। ସେମାନେ କହିଥିଲେ ଯେ, ମହାପ୍ରଭୁଙ୍କ ଅବଢା କେବଳ ଝାଉଁକାଠରେ ପ୍ରସ୍ତୁତ ହୋଇଥାଏ। ଏହା ଏକ ପାରମ୍ପରିକ ଓ ନୀତିଗତ ବ୍ୟବସ୍ଥା। ମାତ୍ର କିଛିମାସ ହେବ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଝାଉଁକାଠ ଯୋଗାଣ ହେଉନାହିଁ। ଫଳରେ ଦୈନିକ ଅବଢା ପ୍ରସ୍ତୁତିରେ ବାଧା ସୃଷ୍ଟି ହେଉଛି। ସେବକମାନେ ଚେତାବନୀ ଦେଇ କହିଛନ୍ତି ଯେ, ପ୍ରତିବର୍ଷ କାର୍ତ୍ତିକ ମାସରେ ରାଜ୍ୟ ସରକାରଙ୍କ 'ହବିଷ୍ୟାଳି ଯୋଜନା'ରେ ପୁରୀକୁ ଆସୁଥିବା ହଜାର ହଜାର ବ୍ରତଧାରୀ ମା'ମାନଙ୍କୁ ସରକାରଙ୍କ ପକ୍ଷରୁ ମହାପ୍ରସାଦ ଯୋଗାଇ ଦିଆଯାଏ। ଏହି ମହାପ୍ରସାଦ ସୁଆର ସେବକମାନେ ହିଁ ପ୍ରସ୍ତୁତ କରିଥାନ୍ତି। ଯଦି ଝାଉଁକାଠ ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ ତେବେ ଚଳିତ ବର୍ଷ କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ପାଇଁ ଉଦ୍ଦିଷ୍ଟ ମହାପ୍ରସାଦ ପ୍ରସ୍ତୁତି ବନ୍ଦ କରିଦିଆଯିବ।

ନିଯୋଗ କର୍ମକର୍ତ୍ତା ସିଧା ପ୍ରଶ୍ନ କରିଛନ୍ତି ଯେ, ସରକାର ସ୍ୱର୍ଗଦ୍ୱାରରେ ଶବଦାହ ପାଇଁ ନିୟମିତ ଭାବେ ଟନ୍ ଟନ୍ କାଠ ଯୋଗାଉଛନ୍ତି। ମାତ୍ର ମହାପ୍ରଭୁଙ୍କ ଅବଢା ପାଇଁ, ଯାହା କୋଟି କୋଟି ଭକ୍ତଙ୍କ ଆସ୍ଥା ସହ ଜଡ଼ିତ ସେଥିପାଇଁ ଆବଶ୍ୟକ ଝାଉଁକାଠ ଯୋଗାଇବାରେ ଆନ୍ତରିକତା ଦେଖାଉ ନାହାନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ସ୍ୱର୍ଗଦ୍ୱାରରେ ଇଲେକ୍ଟ୍ରି ଚୁଲା ବ୍ୟବହାର କରାଯାଉ ବୋଲି ସେମାନେ ପ୍ରସ୍ତାବ ଦେଇଥିଲେ। ତେବେ ଏହାକୁ ଆର୍‌ଡିସି ଓ ଜିଲ୍ଲାପାଳ ଗୁରୁତର ସହ ନେଇଥିଲେ। ପୁରୀ ଡିଏଫ୍‌ଓ ମହାପ୍ରସାଦ ପାଇଁ ପର୍ଯ୍ୟାପ୍ତ କାଠ ଯୋଗାଇ ଦିଆଯାଉଛି। ୬ ମାସ ଲାଗି ଏବେ କାଠର ଅଭାବ ହେବ ନାହିଁ। ଅବଢା ପ୍ରସ୍ତୁତି ପାଇଁ ନିୟମିତ ଓ ପର୍ଯ୍ୟାପ୍ତ ଝାଉଁକାଠ ଯୋଗାଣ ସୁନିଶ୍ଚିତ କରାଯିବ ବୋଲି କହିଥିଲେ। ଝାଉଁକାଠ ଅଭାବ ଯୋଗୁଁ ଯଦି ମହାପ୍ରସାଦ ବ୍ୟବସ୍ଥା ବାଧାପ୍ରାପ୍ତ ହୁଏ ତେବେ ତାହା କେବଳ ସେବାୟତଙ୍କ ସମସ୍ୟା ନୁହେଁ ବରଂ ହଜାର ହଜାର ଭକ୍ତ ଓ ବ୍ରତଧାରୀଙ୍କ ଧାର୍ମିକ ଭାବନା ସହ ଖେଳ ହେବ। ତେଣୁ ସରକାର ତୁରନ୍ତ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ସ୍ଥାୟୀ ସମାଧାନ ବାହାର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଜନଗଣନାକାରୀଙ୍କୁ ନେଇ ବୈଠକ

**ନୂଆଗାଁ, ୮ ।୫(ସମିସ):** ନୂଆଗାଁ ବ୍ଲକ ବାହାଡ଼ାଝୋଲା ସୁପରଭାଇଜର ସର୍କଲ ନମ୍ବର ୨୫ ଏବଂ ୨୯କୁ ନୂଆଗାଁ ଅତିରିକ୍ତ ତହସିଲଦାର ଭବାନୀ ଶଙ୍କର ନାୟକ କ୍ଷେତ୍ରୀୟ ପରିଦର୍ଶନ କରିଥିଲେ। ବାହାଡ଼ାଝୋଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ବାଞ୍ଛାନିଧି ମହାପାତ୍ର, ଶିକ୍ଷକ ତଥା ସୁପରଭାଇଜର ବିନାୟକ ପରିଡ଼ା, ସୁପରଭାଇଜର ତଥା ସିଆରସିସି ଅଶୋକ କୁମାର ପଣ୍ଡା, ସୁପରଭାଇଜର ଜୀବନଜ୍ୟୋତି ପାଇକରାୟ, ବେରୁଆଁବାରୀ ସିଆରସିସି ତଥା ସୁପରଭାଇଜର ପ୍ରମୋଦ କୁମାର ଖୁଣ୍ଟିଆ, ପିଲୁ ଟ୍ରେନର ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଦୁଇ ସର୍କଲର ଜନଗଣନାକାରୀଙ୍କ ଉପସ୍ଥିତିରେ ଜନଗଣନା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ସମସ୍ତ ଜନଗଣନାକାରୀ ଏବଂ ସୁପରଭାଇଜରଙ୍କ ଜନଗଣନା କାର୍ଯ୍ୟକୁ ତର୍ଜମା କରିବା ସହ ପ୍ରଶଂସା କରାଯାଇଥିଲା।

ନୟାଗଡ଼ ଜଗନ୍ନାଥ ମନ୍ଦିର

# ଅବଢ଼ା ପ୍ରସ୍ତୁତିରୁ ହଟିଲେ ପହଣ୍ଡି ସେବାୟତ

**ନୟାଗଡ଼, ୮ ।୫(ସମିସ)**

ନୟାଗଡ଼ ଜଗନ୍ନାଥ ମନ୍ଦିରରେ ନୀତି ଓ ଅନ୍ୟାନ୍ୟ ଅବ୍ୟବସ୍ଥାକୁ ନେଇ ବାରମ୍ବାର ବିବାଦ ଦେଖାଦେଇ ଆସୁଥିଲା। ଦୀର୍ଘଦିନ ଧରି ଅବଢ଼ା ପ୍ରସ୍ତୁତି ପାଇଁ ଟେଣ୍ଡର କରା ନ ଯାଇ ପହଣ୍ଡି ସେବାୟତଙ୍କୁ ଏହାର ଦାୟିତ୍ୱ ଦିଆଯାଇଥିଲା। ଏ ନେଇ ଅନେକ ସମୟରେ ବାଦବିବାଦ ସୃଷ୍ଟି ହେଉଥିବା ବେଳେ ଶୁକ୍ରବାର ଦେବୋତ୍ତର ବିଭାଗ ଅବଢ଼ା ପ୍ରସ୍ତୁତିରୁ ପହଣ୍ଡି ସେବାୟତଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଛି। ଏ ନେଇ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ନୋଟିସ ଲାଗିଛି। ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ପତ୍ରସଂଖ୍ୟା ୩୧୨୫ରେ ଏହି ନୋଟିସ ଲଗାଯାଇଛି।

ନୋଟିସ ଅନୁସାରେ, ଜଗନ୍ନାଥଜୀଉ ବିଜେ ନୟାଗଡ଼ଙ୍କ ମନ୍ଦିରରେ ଦୈନିକ ଅବଢ଼ା ଭୋଗ ପ୍ରସ୍ତୁତ କରିବା ନିମନ୍ତେ ପହଣ୍ଡି ସେବାୟତମାନଙ୍କୁ ଦିଆଯାଇଥିବା ଅନୁମତି ଆଦେଶକୁ ପ୍ରତ୍ୟାହୃତ କରାଯାଇଛି। ପହଣ୍ଡି



ସେବାୟତମାନେ ଅବଢ଼ା ଭୋଗ ପ୍ରସ୍ତୁତି ନିମନ୍ତେ ମନ୍ଦିର ପରିସରରେ ବ୍ୟବହାର କରୁଥିବା ଘର ଯଥାଶୀଘ୍ର ଖାଲି କରିବାକୁ ନିର୍ଦ୍ଦେଶ ରହିଛି। ଏପରିକି ଦୈନିକ ଖେଚୁଡ଼ି ଭୋଗ ମନ୍ଦିର ପ୍ରଶାସନ ତରଫରୁ ଅଭଡ଼ା ନିଲାମ ପର୍ଯ୍ୟନ୍ତ କରାଯିବାକୁ ନିର୍ଦ୍ଦେଶ ରହିଛି। ଖୁବଶୀଘ୍ର ଅବଢ଼ା ନିଲାମ କରାଯିବ ବୋଲି ଦେବୋତ୍ତର ବିଭାଗ ପରିଚାଳକ ତାପସ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

ନୟାଗଡ଼ ଶ୍ରୀଜଗନ୍ନାଥଜୀଉଙ୍କ ମନ୍ଦିର ନୀତି ଓ ଅନ୍ୟାନ୍ୟ ସେବାରେ ମଧ୍ୟରେ ଖୁବଶୀଘ୍ର ସଂସ୍କାର ଆଣିବା ପାଇଁ ବ୍ୟବସ୍ଥା ହେଉଥିବା ସୂଚନା ମିଳିଛି। ନୟାଗଡ଼ ଜଗନ୍ନାଥ ମନ୍ଦିରରେ ଅବଢ଼ା ପ୍ରସ୍ତୁତିକୁ ନେଇ

**▸▸ ଘର ଖାଲି କରିବାକୁ ଲାଗିଲା ନୋଟିସ୍**
**▸▸ ଖୁବ୍‌ଶୀଘ୍ର ଅବଢ଼ା ପ୍ରସ୍ତୁତି ଲାଗି ଟେଣ୍ଡର**

ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ପହଣ୍ଡି ସେବାୟତଙ୍କୁ ପୂର୍ବରୁ ଅବଢ଼ା ନିଲାମ ନେଇଥିବା ବ୍ୟକ୍ତିଙ୍କୁ ଦେବୋତ୍ତର ବିଭାଗ ଅହେତୁକ ଅନୁକମ୍ପା ପ୍ରଦର୍ଶନକୁ ନେଇ ପ୍ରଶ୍ନ ଉଠିଥିଲା। ଯାହାକୁ ନେଇ ଅବଢ଼ା ପ୍ରସ୍ତୁତି ପାଇଁ ପହଣ୍ଡି ସେବାୟତଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପହଣ୍ଡି ସେବାୟତଙ୍କୁ ଦାୟିତ୍ୱ ଦିଆଯିବା ପରଠାରୁ ପୂଜକ ତଥା ବ୍ରାହ୍ମଣଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଏହାକୁ ନେଇ ଅନେକ ଥର ବିବାଦୀୟ ସ୍ଥିତି ଉପୁଜିଥିଲା। ଦେବୋତ୍ତର ବିଭାଗ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି କେବେ କାର୍ଯ୍ୟକାରୀ ହେବ ବୋଲି ପ୍ରଶ୍ନ ଉଠୁଥିବା ବେଳେ ଏହି ନୋଟିସ ଲାଗିବା ପରେ ପହଣ୍ଡି ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିବା ସୂଚନା ମିଳିଛି।

## ନୂତନ ରଥ ନିର୍ମାଣ ଦାବି

**ନୟାଗଡ଼, ୮ ।୫(ସମିସ):** ନୟାଗଡ଼ ଜଗନ୍ନାଥ ମନ୍ଦିରରେ ଦୀର୍ଘବର୍ଷ ଧରି ପୁରୁଣା ରଥରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଏପରିକି ନଷ୍ଟ ହୋଇଥିବା କାଠରେ ରଥ ନିର୍ମାଣ କରାଯାଉଛି। ବିପଜ୍ଜନକ ଭାବେ ରଥଯାତ୍ରା ହେଉଥିବା ବେଳେ ନୂତନ ରଥ ନିର୍ମାଣ ପାଇଁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ଦେବୋତ୍ତର ବିଭାଗ ରଥଯାତ୍ରା ପ୍ରସ୍ତୁତି ବୈଠକରେ ପ୍ରତ୍ୟେକ ବର୍ଷ ହଟହଟା ହେଉଥିବା ବେଳେ ନୂତନ ରଥ ନିର୍ମାଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଚଳିତ ବର୍ଷ ରଥଯାତ୍ରାରେ ନୂତନ କାଠ ବ୍ୟବହାର କରି ରଥ ନିର୍ମାଣ କରିବାକୁ ଭକ୍ତ ମହଲରେ ଦାବି ହେଉଛି।

ବୈଷ୍ଣୋଦେବୀ ମନ୍ଦିରରୁ ଚୋରି ଘଟଣା

## ସପ୍ତାହ ପରେ ବି ପୁଲିସ ହାତ ଖାଲି



**ଓଡ଼ଗାଁ/ଶରଣକୁଳ, ୮ ।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ଶରଧାପୁର ପଞ୍ଚାୟତ ଜାମୁକୋଣସ୍ଥିତ ପ୍ରସିଦ୍ଧ ବୈଷ୍ଣୋଦେବୀ ମନ୍ଦିରରୁ ଚୋରି ଘଟଣାକୁ ସପ୍ତାହ ବିତିଥିବା ବେଳେ ପୁଲିସ ହାତ ଖାଲି ରହିଛି। ଗତ ୧ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଚୋରମାନେ ମନ୍ଦିରରୁ ସୁନାହାର, ମୁକୁଟ ଓ ଚାନ୍ଦିର ଚାନ୍ଦୁଆ ସମେତ ୪୦ ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ଲୁଟ୍ କରିଥିଲେ। ଅଭିଯୋଗ ପାଇବା ପରେ ଶରଣକୁଳ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ତଦନ୍ତ ହୋଇଥିଲା। ପୁଲିସ ଏହି ଘଟଣାରେ ଅନେକ ଲୋକଙ୍କୁ ଥାନାକୁ ଡାକି ପଚରାଉଚରା କରିଥିବା ବେଳେ ଘଟଣାର ରହସ୍ୟ ଆଜି ଯାଏଁ ଉନ୍ମୋଚନ କରିପାରିନାହିଁ।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

**ଗଣିଆ, ୮ ।୫(ସମିସ):** ବିଶ୍ୱର କଲ୍ୟାଣ ନିମନ୍ତେ ଗଣିଆରେ ଥିବା ରଘୁନାଥ ଜୀଉ ମନ୍ଦିର ପୀଠରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଶୁଭାରମ୍ଭ ହୋଇଯାଇଛି। ୫୭ ବର୍ଷ ଧରି ଶ୍ରୀ ରାମଦୟା ପରିଷଦ ଶାଖା ନମ୍ବ ୨୭ ଗଣିଆ ଆନୁକୂଲ୍ୟରେ ଗ୍ରାମବାସୀଙ୍କ ସହଯୋଗ ତଥା ପଦ୍ମଲାଭପୁର ଶାସନର ବ୍ରାହ୍ମଣମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଅଛି। ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା, ଗୋ ପୂଜା, ଶୀଳା ପୂଜା, ଶ୍ରୀ ରଘୁନାଥ ଜୀଉଙ୍କ ଷୋଡ଼ଶ ଉପଚାର ପୂଜା ପରେ ଗୋସ୍ୱାମୀ ତୁଳସୀ ଦାସ କୃତ ଶ୍ରୀରାମ ଚରିତ ମାନସ ପାଠ କରାଯାଉଛି। ସନ୍ଧ୍ୟାରେ ଓଡ଼ିଶାର ପ୍ରତିଷ୍ଠିତ ବକ୍ତା ମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଉପଦେଷ୍ଟା ପଣ୍ଡିତ ରାମଚନ୍ଦ୍ର ଦାଶ, ବ୍ୟାସ ପଣ୍ଡିତ ଉମାକାନ୍ତ ଦାଶ, ଆଚାର୍ଯ୍ୟ ପଣ୍ଡିତ ବିଶେଶ୍ୱର ମିଶ୍ର, ସଭାପତି ଜଗନ୍ନାଥ ଦାଶ, ସମ୍ପାଦକ ସାନୁଜ ରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହେଉଅଛି। ଏହି କାର୍ଯ୍ୟକ୍ରମରେ ପଦ୍ମଲାଭପୁର ଶାସନର ପ୍ରଭାତ କୁମାର ଦାଶ, ଚନ୍ଦନ କୁମାର ଦାଶ, ମାନସ କୁମାର ଦାଶ, ରାକେଶ ଷଡ଼ଙ୍ଗୀ, ସୁରେଶ ଦାଶ, ନିତିଶ ମିଶ୍ର, ଶୁସାନ୍ତ କୁମାର ବେହେରା ପ୍ରମୁଖ ସହଯୋଗ କରୁଛନ୍ତି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**କଣ୍ଟିଲୋ, ୮ ।୫(ସମିସ):** କଣ୍ଟିଲୋର ଜଣାଶୁଣା ବସ୍ କଣ୍ଡକ୍ଟର ତଥା ଧର୍ମପରାୟଣ ବ୍ୟକ୍ତି ଅଜୟ କୁମାର ସାହୁଙ୍କର ଗୁରୁବାର ହୃଦଘାତରେ ପରଲୋକ ହୋଇଛି। ସେ କଣ୍ଟିଲୋ ଘରୋଇ ମୋଟର କର୍ମଚାରୀ ସଂଘ ସମ୍ପାଦକ ଥିଲେ। ଗୁରୁବାର ଭୋର ୫ଟାରେ ବଜାରରେ ଥିବା ସଂଘ କାର୍ଯ୍ୟାଳୟକୁ ଆସିଥିଲେ। କିଛି ସମୟ ପରେ ବଜାର ନିକଟରେ ଥିବା ବାସଗୃହକୁ ସ୍ନାନ ଶୌଚ ନିମନ୍ତେ ଯାଇଥିଲେ। ମୁଣ୍ଡ ବୁଲାଇବାରୁ ସେ ପଡ଼ିଯାଇଥିଲେ। ତାଙ୍କୁ ମେଡିକାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଶଙ୍ଖାତୋଟା ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି।

## ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ

**ଭାପୁର, ୮ ।୫(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କରବର ପଞ୍ଚାୟତ କରବର ଗ୍ରାମର ଶିକ୍ଷକ ବିଭୂତି ଭୂଷଣ ସୁବୁଦ୍ଧିଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। କରବର ଗ୍ରାମ କେଉଟସାହିର ବିଶ୍ୱନାଥ ସେଠୀଙ୍କ ବଡପୁଅ ବିଭୁତି ଭୂଷଣ ମାଧପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ଗୁରୁବାର ସେ ଅସୁସ୍ଥ ହୋଇ କଟକ ବଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ମର ଶରୀରକୁ ଗାଁ ଶ୍ମଶାନରେ ଆଜି ଶେଷ କୃତ୍ୟ କରାଯାଇଛି। ତାଙ୍କର ଗୋଟିଏ ପୁଅ (୧୪) ଓ ଗୋଟିଏ ଝିଅ (୧୦) ଅଛନ୍ତି। ସେ ଦୁଇ ବର୍ଷ ହେଲା କିଡନୀ ଓ ଲିଭର ରୋଗରେ ଆକ୍ରାନ୍ତ ଥିଲେ। ସେ ଜନଗଣନା କାର୍ଯ୍ୟ ନ କରିବାକୁ ଅନୁରୋଧ କରିଥିଲେ ହେଁ ତାଙ୍କ କଥା ଶୁଣାଯାଇ ନ ଥିଲା। ଖରାରେ ବୁଲି ଏପରି ଅବସ୍ଥା ହେଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ପାଗଳ କୁକୁର କାମୁଡ଼ାରେ ୨ ମହିଳା ଗୁରୁତର

ଭାପୁର, ୮ ।୫(ସମିସ): ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ଜଗଦୀଶ ପ୍ରସାଦ ଗ୍ରାମରେ ପାଗଳ କୁକୁର କାମୁଡ଼ାରେ ଦୁଇ ମହିଳା ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗ୍ରାମର ମଡ଼ୀ ପଲେଇ (୬୦) ଓ ମାଣିକ ପଲେଇ (୫୫) ।। ମଡ଼ୀ ପଲେଇଙ୍କ ହାତ ବୁଢ଼ା ଆଙ୍ଗୁଠି ଛିଣ୍ଡି ଯାଇଥିବାରୁ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ମାଣିକ ପଲେଇ ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ରଣପୁର, ୮ ।୫(ସମିସ):** ରଣପୁର ବ୍ଲକ ରାଜସୁନାଖଳା ନୃସିଂହପୁର ଟାଙ୍ଗୀସାହିସ୍ଥିତ ପ୍ରଭୁ ଶ୍ରୀରଘୁନାଥ ଦେବଙ୍କ ପୀଠରେ ଆୟୋଜିତ ପ୍ରଥମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦଯାପିତ ହୋଇଛି। ସୋମବାର ଅଙ୍କୁରାରୋପଣ, ଶାଳା ମଣ୍ଡନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୁଧବାର କଳସଯାତ୍ରାରେ ୨୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇ ନେଳିଆ ପୋଖରୀରୁ ପବିତ୍ର ଜଳ ଉଠାଇ ଗ୍ରାମ ପରିକ୍ରମା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ବେଦଜ୍ଞ ପଣ୍ଡିତ ଗୌରମୋହନ ମିଶ୍ରଙ୍କ ନେତୃତ୍ୱରେ ବିପିନ ମିଶ୍ର, ମହେନ୍ଦ୍ର ଆଚାର୍ଯ୍ୟ, ମୁନା ଦାସ, ଲକ୍ଷ୍ମୀଧର ବହିନୀପତି ପ୍ରମୁଖଙ୍କ ଦ୍ୱାରା ଯଜ୍ଞାରମ୍ଭ ହୋଇଥିଲା। କର୍ତ୍ତା ଭାବେ ସତ୍ୟନାରାୟଣ ମହାପାତ୍ର ଓ ତାଙ୍କର ସହଧର୍ମିଣୀ ପ୍ରଣତି ମଞ୍ଜରୀ ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ, ସମିତି ସଭ୍ୟ ତପନ ପ୍ରଧାନ, ସଦାଶିବ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ବସ୍‌ଷ୍ଟାଣ୍ଡ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ




**ଓଡ଼ଗାଁ, ୮ ।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନଏସି ଅନ୍ତର୍ଗତ ପ୍ରାଣୀ ଚିକିତ୍ସାଳୟ ସମ୍ମୁଖ ଖଜୁରିଆ ରାସ୍ତାରୁ ନିର୍ମାଣାଧୀନ ଅଟଳ ବସ୍‌ଷ୍ଟାଣ୍ଡକୁ ସଂଯୋଗ କରୁଥିବା ନୂତନ ରାସ୍ତା ନିର୍ମାଣକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ବିବାଦ ଏବେ ନୂଆମୋଡ଼ ନେଇଛି। ରାସ୍ତା ନିର୍ମାଣ ପାଇଁ ସ୍ଥାନ ଅଭାବ ଦେଖାଦେବାରୁ ସ୍ଥାନୀୟ ବାସିନ୍ଦା ଏହାକୁ ବିରୋଧ କରି ବସ୍‌ଷ୍ଟାଣ୍ଡର ପ୍ରାଚୀର ନିର୍ମାଣକୁ ମଧ୍ୟ ଅଟକାଇଥିଲେ। ସମସ୍ୟା ସମାଧାନ ପାଇଁ ଗୁରୁବାର ସ୍ଥାନୀୟ ପ୍ରଶାସନ ଓ ଓଏସଆରଟିସି ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଥିଲା। ଶୁକ୍ରବାର ବିବାଦୀୟ ସ୍ଥାନର ମାପଚୁପ କରାଯାଇଥିଲା। ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇଙ୍କ ନେତୃତ୍ୱରେ ଏନଏସି ଅଧିକାରୀ ନୀହାର ରଞ୍ଜନ ବେହେରା ଓ ଅନ୍ୟ କର୍ମଚାରୀ ଜମି ମାପଚୁପ କରିଥିଲେ। ମାପଚୁପ ପରେ ଜଣାପଡ଼ିଛି ଯେ, ପ୍ଲଟ୍ ନମ୍ବର ୨୧୪୪/୪୭ର ୭ ଡିସିମିଲ ସରକାରୀ ଜମି ଉପରେ ରାସ୍ତା ପାର୍ଶ୍ୱରେ ଏକ କୋଠା ନିର୍ମାଣ ହୋଇଛି। ସେହି କୋଠାରେ ରହୁଥିବା ରୁକୁଣା ମଣ୍ଡଳଙ୍କ ସ୍ୱାମୀ ପ୍ରଫୁଲ୍ଲ ମଣ୍ଡଳଙ୍କ ନାମରେ ପ୍ଲଟ୍ ନମ୍ବର ୨୧୪୨/୪୩ରେ ୯.୫ ଡିସିମିଲ ଜମି ରେକର୍ଡ ଥିବା ଜଣାଯାଇଛି। ଜମିର ପ୍ରକୃତ ସ୍ଥିତି ସ୍ପଷ୍ଟ ହେବା ପରେ ସରକାରୀ ଜମିରେ ଥିବା କୋଠା ହଟିଲେ ରାସ୍ତା ନିର୍ମାଣରେ ଥିବା ପ୍ରତିବନ୍ଧକ ଦୂର ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ରୁକୁଣା ମଣ୍ଡଳଙ୍କ ପରିବାର ସେମାନେ ସଠିକ୍ ସ୍ଥାନରେ ଘର ନିର୍ମାଣ କରିଥିବା ଦାବି କରିଛନ୍ତି। ରୁକୁଣା ମଣ୍ଡଳଙ୍କ ଅନୁରୋଧ କ୍ରମେ ସଠିକ୍ ନିର୍ମାଣ ସ୍ଥାନ ସମ୍ପର୍କରେ ପ୍ରମାଣ ଦାଖଲ ପାଇଁ ତହସିଲଦାର ତାଙ୍କୁ ଦୁଇଦିନ ସମୟ ଦେଇଛନ୍ତି। ପରେ ବିବାଦର ସ୍ଥାୟୀ ସମାଧାନ ହେବା ସହ ପ୍ରଶାସନ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

## ବିଭିନ୍ନ ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ

**ନୟାଗଡ଼/ଗଣିଆ/ଶରଣକୁଳ/ଓଡ଼ଗାଁ/ନୂଆଗାଁ, ୮ ।୫(ସମିସ):** ସାଇବର ବିପଦରୁ ଦୂରେଇ ରହିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଗତ ମାର୍ଚ୍ଚରେ 'ଜୁଭେଣ୍ଟିକା କନକ୍ଲେଭ' ଆରମ୍ଭ ହୋଇଛି। ରାଜ୍ୟର ସମସ୍ତ ଥାନାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଓଡ଼ିଶା ପୁଲିସର ଶିଶୁ ଓ ମହିଳା ୱିଂ ତଥା ୟୁନିସେଫ ମିଳିତ ଉଦ୍ୟମରେ ଚାଲିଛି ଏହି ପ୍ରୟାସ। ନୟାଗଡ଼ ସଦରଥାନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ପି ଏସ୍ ସୁଶ୍ରୀ, ଅତିରିକ୍ତ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ସଦରଥାନା ଅଧିକାରୀ ପ୍ରିୟତମା ପ୍ରଧାନ ଉପସ୍ଥିତ ଥିଲେ। ସେହିପରି ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିୟା, ସିଡିପିଓ ଉଷାରାଣୀ ସାହୁ, ସୁପରଭାଇଜର କଳ୍ପନା ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମାପନ କରିଥିଲେ। ଗଣିଆ ଥାନା ଏଏସଆଇ ଶାହା ଆଲାମ ଖାଁ



କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କର୍ମଚାରୀମାନେ ସହଯୋଗ କରିଥିଲେ। ନୂଆଗାଁ ଥାନାରେ ଭାରପ୍ରାପ୍ତ ଅଧିକାରୀ ରଶ୍ମିରଞ୍ଜନ ସାହୁ ପରିଚାଳନା କରିଥିବା ବେଳେ ନୂଆଗାଁ ସିଡିପିଓ ଶୁଭ୍ରକେଶୀ ମଲ୍ଲିକ, ଏଏସଆଇ ପ୍ରଶାନ୍ତ କୁମାର ବିଶ୍ୱାଳ, ମଦନ ମୋହନ ମହାପାତ୍ରଙ୍କ ସମେତ ପୁଲିସ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର ଏବଂ କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ। ଶରଣକୁଳ ଥାନା ପକ୍ଷରୁ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଏସପି ଡୋମାନ୍ ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଓଡ଼ଗାଁ ଆଦର୍ଶ ଥାନାରେ ଡିଏସପି ଡୋମାନ୍ ଟୁଡୁ, ଆଇଆଇସି ସତ୍ୟନାରାୟଣ ବାରିକ, ଏସ୍‌ଆଇ ଚକ୍ରଧର ସିଂ, ଏଏସ୍‌ଆଇ ମନୋଜ କୁମାର ଦେହୁରୀ ଏବଂ ବରିଷ୍ଠ ଆଇନଜୀବୀ ଇନ୍ଦୁଭୂଷଣ ମିଶ୍ର, ସରକାରୀ ଓକିଲ ମନୋଜ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଓଡ଼ଗାଁର ସାମ୍ବାଦିକମାନେ ମଧ୍ୟ ଯୋଗଦେଇଥିଲେ। ଏଏସ୍‌ଆଇ ଟିଟୁବାଳା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ଥାନାରେ ଛୋଟ ପିଲା, କଲେଜ ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।

ପଛରୁ ଧକ୍କାଦେଲା ହାଇୱା

## ଘର ଭିତରେ ପଶିଗଲା ଟ୍ରେଲର




**ନୟାଗଡ଼, ୮ ।୫(ସମିସ):** ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥରେ ଶୁକ୍ରବାର ଭୋର୍ ସମୟରେ ଏକ ହାଇୱା ଧକ୍କାଦେବାରୁ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରେଲର ଜଣେ ବ୍ୟକ୍ତିଙ୍କ ଘର ଭିତରେ ପଶିଯାଇଛି। ନୟାଗଡ଼ ସହର ଉପକଣ୍ଠ ନୂଆ ଘଡୁଆଳ ନିକଟରେ ଏହି ଦୁର୍ଘଟଣା ଘଟିଛି। ରାସ୍ତାରେ ଛିଡ଼ା ହୋଇଥିବା ଟ୍ରେଲକୁ ପଛପଟୁ ପାଉଁଶ ବୋଝେଇ ହାଇୱା ଧକ୍କା ଦେଇଥିଲା। ଫଳରେ ଟ୍ରେଲର୍ ନିକଟରେ ଥିବା ଯୁଧିଷ୍ଠିର ଖଣ୍ଡାଙ୍କ ଘର ଗ୍ରୀଲକୁ ଧକ୍କା ଦେଇ ଭିତରେ ପଶିଯାଇଥିଲା। ଏହି ଦୁର୍ଘଟଣାରେ ଯୁଧିଷ୍ଠିରଙ୍କ ଘର ପରିସରରେ ଥିବା ଏକ କାର୍ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ତେବେ ହାଇୱାର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଟାଉନ୍ ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ି ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥରେ ଶହଶହ ସଂଖ୍ୟାରେ ଗାଡ଼ି ଯାତାୟାତ କରୁଥିବା ବେଳେ ନୟାଗଡ଼ ସହର ନିକଟ ସିନ୍ଦୂରିଆଠାରୁ ଘଡୁଆଳ ମଧ୍ୟରେ ରାସ୍ତା କଡ଼ରେ କିଛି ଟ୍ରକ୍ ପାର୍କିଂ କରୁଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ପରିବହନ ବିଭାଗ ଏବଂ ପୁଲିସ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ବାଲ୍ୟ ବିବାହ ସଚେତନତା ଶୋଭାଯାତ୍ରା



**ନୟାଗଡ଼, ୮ ।୫(ସମିସ):** ବାଲ୍ୟ ବିବାହ ନିଷେଧ ସମ୍ବନ୍ଧୀୟ ସଚେତନତା ଶୋଭାଯାତ୍ରା ନୟାଗଡ଼ ବ୍ଲକ କ୍ରିଦାଶପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଜେମାଦେଇପୁର ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ବାଲ୍ୟ ବିବାହର କୁପ୍ରଭାବ ସମ୍ବନ୍ଧରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଶିଶୁ ଅଧିକାର ସୁରକ୍ଷା ପ୍ରତି ସମାଜକୁ ସଜାଗ କରିବା। ଶୋଭାଯାତ୍ରାରେ ସ୍ଥାନୀୟ ସରପଞ୍ଚ ସଞ୍ଜୁବାଳା ବିଶ୍ୱାଳ, ପିଇଓ ସଞ୍ଜୁଲତା ପାଣିଗ୍ରାହୀ, ମହିଳା ସଶକ୍ତୀକରଣ ଜିଲ୍ଲା ସଂଯୋଜକ ସୌମ୍ୟରଞ୍ଜନ ଦାଶ, ସମ୍ବଲ ଶ୍ରୀ ବିଶ୍ୱପାର୍ଥବୀ, ଆଇଟି ଆସିଷ୍ଟାଣ୍ଟ ସୂର୍ଯ୍ୟକାନ୍ତ ସାହୁ, ଆଇସିଡିଏସ ସୁପରଭାଇଜର ଜ୍ୟୋତିମୟୀ ସାହୁ, ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପିଆରଆଇ ସଦସ୍ୟମାନେ, ଅଙ୍ଗନୱାଡି କର୍ମୀ ଜ୍ୟୋତ୍ସ୍ନାମୟୀ ପଣ୍ଡା ଏବଂ ପ୍ରାୟ ୩୦ରୁ ଅଧିକ କିଶୋରୀ ବାଳିକା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କ ସକ୍ରିୟ ସହଯୋଗ ଓ ସମନ୍ୱୟରେ କାର୍ଯ୍ୟକ୍ରମଟି ଅତ୍ୟନ୍ତ ଶୃଙ୍ଖଳିତ, ସଫଳ ଓ ପ୍ରଭାବଶାଳୀ ଭାବେ ସମ୍ପନ୍ନ ହୋଇଥିଲା। ଉକ୍ତ ରାଲି ମାଧ୍ୟମରେ ବାଲ୍ୟ ବିବାହ ରୋକ ପାଇଁ ସମାଜରେ ଏକ ସକାରାତ୍ମକ ସନ୍ଦେଶ ପ୍ରସାରିତ ହୋଇଥିଲା।

## ବିଶ୍ୱ ରେଡକ୍ରସ ଦିବସ ପାଳିତ



**ନୟାଗଡ଼, ୮ ।୫(ସମିସ):** ନୟାଗଡ଼ ଜିଲ୍ଲାରେ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳ ୭ଟାରେ ସଚେତନତା ଶୋଭାଯାତ୍ରା ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଜିଲ୍ଲା ରେଡକ୍ରସ ଫୋରମର ସଦସ୍ୟମାନେ ଯୋଗଦେଇଥିଲେ। ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଡେପୁଟୀ କଲେକ୍ଟର ତପତି ରାଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ସ୍ୱାଇଁଙ୍କ ସମେତ ରେଡକ୍ରସ୍ ଫୋରମର ସଦସ୍ୟ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ପରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

କଳା, ସାହିତ୍ୟ ଓ ସଂସ୍କୃତିର ମାଟି

# ନୟାଗଡ଼ରେ ମଞ୍ଚ ନାଟକର ନିଆରା ପରମ୍ପରା





**ନୟାଗଡ଼, ୮ ।୫(ସମିସ)**

କଳା, ସାହିତ୍ୟ ଓ ସଂସ୍କୃତିର ମାଟି ନୟାଗଡ଼। ଏହି ମାଟିରେ ନାଟ୍ୟ ପରମ୍ପରା ବେଶ୍ ପୁରାତନ। ମଞ୍ଚ ନାଟକ ପରମ୍ପରାକୁ ନୟାଗଡ଼ ବଜାୟ ରଖି ଆସିଛି। ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଟକ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଟକ ମହୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଆସୁଛି। ନୟାଗଡ଼ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ବର୍ଷର ବିଭିନ୍ନ ସମୟରେ ମଞ୍ଚ ନାଟକ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମୁଛି। ନୟାଗଡ଼ ମାଟି ଭାଷା, ସାହିତ୍ୟକୁ ଋଦ୍ଧିମନ୍ତ କରିବା ଦିଗରେ ଏହି ମଞ୍ଚ ନାଟକ ପରମ୍ପରା ଏକ ମାଇଲ ଖୁଣ୍ଟ। ଗୋଟିଏ ନାଟକ ମଞ୍ଚସ୍ଥ ପାଇଁ କଳାକାରଙ୍କୁ ନେଇ ଦୁଇ ସପ୍ତାହ ପୂର୍ବରୁ ପ୍ରସ୍ତୁତି ଏବଂ ଅନେକ ଘାତ ପ୍ରତିଘାତ ରହିଥିଲେ ମଧ୍ୟ କଳାକାରଙ୍କ ଆଗ୍ରହ ଏବଂ ବିଭିନ୍ନ ଅନୁଷ୍ଠାନର ପ୍ରତିବଦ୍ଧତା ପାଇଁ ଏହା ସମ୍ଭବ ହୋଇପାରୁଛି। ନୟାଗଡ଼ ମାଟିରେ ଜନ୍ମ ଗ୍ରହଣ କରିଥିବା ନାଟ୍ୟକାର ଗୋବିନ୍ଦ ଚନ୍ଦ୍ର ସୁରଦେଓଙ୍କଠାରୁ ଆରମ୍ଭ ଦଶପଲ୍ଲା ମାଟିର ସୁଯୋଗ୍ୟ ସନ୍ତାନ ରାମଚନ୍ଦ୍ର ମିଶ୍ର, ନୟାଗଡ଼ ସୁକଳଗାଡ଼ିଆ ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ତଥା ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ନାଟ୍ୟକାର ଗଦାଧର ନନ୍ଦ, ବିଶ୍ୱନାଥ ମହାପାତ୍ର, ପ୍ରଧାନୀ ବୃନ୍ଦାବନ ମହାପାତ୍ର, କୈଳାସ ଓଝା, ବସିରନ୍ ବିବି, ଶରତ ଚନ୍ଦ୍ର ଆଚାର୍ଯ୍ୟ, ପ୍ରଭାତ କୁମାର ମିଶ୍ରଙ୍କ ଭଳି ଅନେକ ନାଟ୍ୟକାର ନାଟକ ରଚନା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବେଳେ ନିର୍ଦ୍ଦେଶନାରେ ମଧ୍ୟ ନୟାଗଡ଼ର



ବରିଷ୍ଠ ନିର୍ଦ୍ଦେଶକଙ୍କ ସୁନାମ ରହିଛି। ନିର୍ଦ୍ଦେଶନା କ୍ଷେତ୍ରରେ ପବିତ୍ର ମହାନ୍ତି, ଡ. ବିଜୟ କୁମାର ଚୌଧୁରୀଙ୍କଠାରୁ ଆରମ୍ଭ କରି ଅନେକ ନାଟ୍ୟ ନିର୍ଦ୍ଦେଶକ ମଞ୍ଚ ନାଟକ କ୍ଷେତ୍ରରେ ବେଶ୍ ପରିଚୟ ଲାଭ କରିଛନ୍ତି। ସିରିୟସ୍ ଜୋନ, ସଂସ୍କୃତି ସଂସଦ, ରାଗେଶ୍ରୀ ନୀଳୟମ, ଚମତ୍କାର, ମଞ୍ଚାୟନ, ନାଟ୍ୟଧାରା, ତୃତୀୟ ନୟନ, ଲେଖକ ପରିଷଦ ଭଳି ଅନୁଷ୍ଠାନ ଏହି ପରମ୍ପରାକୁ ବଜାୟ ରଖି ଆସିଛନ୍ତି।

ଚଳିତ ମାସରେ ନୟାଗଡ଼ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ୩ଟି ନାଟକ ମଞ୍ଚସ୍ଥ ହେବ ବୋଲି ସୂଚନା ମିଳିଛି। ନାଟ୍ୟକାର ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ରଚିତ ଓ ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶିତ 'ଓଡ଼ଶ' ନାଟକ ମେ ୯ ତାରିଖ ମଞ୍ଚସ୍ଥ ହେବାକୁ ଥିବା ବେଳେ ବ୍ରାତ୍ୟ ବସୁଙ୍କ ରଚିତ ଏବଂ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ଜଉଘର ମେ ୧୦ ତାରିଖ ମଞ୍ଚସ୍ଥ ହେବ ବୋଲି ସୂଚନା ମିଳିଛି। ସେହିଭଳି ବିଶ୍ୱନାଥ ମହାପାତ୍ରଙ୍କ ରଚିତ ଏବଂ ଗଦାଧର ନନ୍ଦଙ୍କ ନିର୍ଦ୍ଦେଶିତ ବିଚାର ପଥର ନାଟକ ମେ ୧୭ ତାରିଖ ତୃତୀୟ ନୟନ ପକ୍ଷରୁ ମଞ୍ଚସ୍ଥ ହେବ। ଏହି ନାଟ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ସରକାରଙ୍କ ପକ୍ଷରୁ ସହଯୋଗ ନିହାତି ଆବଶ୍ୟକ ବୋଲି ଅନେକେ ମତ ଦେଇଛନ୍ତି।

ଖୋର୍ଦ୍ଧା ପାଲଟିଛି ବ୍ରାଉନସୁଗରର ପେଣ୍ଠସ୍ଥଳୀ

# ୪ ଦିନରେ ଜବତ ହେଲାଣି ୮୦ ଲକ୍ଷର ବ୍ରାଉନସୁଗର, ୯ ଗିରଫ

ଖୋର୍ଦ୍ଧା,୮।୫(ସମିସ):

ଖୋର୍ଦ୍ଧାରେ ଥମୁନି ବ୍ରାଉନସୁଗର କାରବାର। ଯେତିକି ଧରାହେଉଛି, ସେତିକି ବଢିଚାଲିଛି। ବାରମ୍ବାର ଧରପଗଡ ସତ୍ୱେ ଏଥିରେ କୌଣସି ପ୍ରଭାବ ପଡୁନାହିଁ। ବରଂ କାୟା ବିସ୍ତାର କରିବାରେ ଲାଗିଛି। ବ୍ରାଉନସୁଗର କାରବାରର ଚରାଭୂଇଁ ପାଲଟିଛି ଖୋର୍ଦ୍ଧା। ନିଶା ବେପାରୀଙ୍କ ଷ୍ଟ୍ରାଟେଜି ଆଗରେ ଏକ ପ୍ରକାର ଫେଲ ମାରୁଛି ପୁଲିସ ଓ ଅବକାରୀ ଟିମ୍। ଅବକାରୀ ଏବଂ ଜିଲ୍ଲା ପୁଲିସ ପକ୍ଷରୁ ଚଢଉ ଜାରି ରହିଛି। ଜଣେ ଗିରଫ ହେଲେ ତା ପଛକୁ ପୁଣି ଅନ୍ୟ ଗ୍ରୁପ୍ ବାହାରି ପଡୁଛନ୍ତି। ବାଲେଶ୍ୱର, ଜଳେଶ୍ୱର ପ୍ରଭୃତି ଅଂଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧା ସହରକୁ ପ୍ରବେଶ କରୁଛି ବ୍ରାଉନସୁଗର। ବ୍ରାଉନସୁଗର କାରବାର କେବଳ ସହରରେ ଆଉ ସୀମିତ ନାହିଁ, ବରଂ ଏହା ଗ୍ରାମାଂଚଳରେ ଖେଦି ଗଲାଣି। କେବଳ ଗ୍ରାମାଂଚଳ ନୁହେଁ ବରଂ ଜିଲ୍ଲା ସମେତ ପଡୋଶୀ ଜିଲ୍ଲାକୁ ପଠାଯାଉଛି। ବ୍ରାଉନସୁଗରର କଳା ସାମ୍ରାଜ୍ୟ ଏବେ ଖୋର୍ଦ୍ଧା କୁ ଗ୍ରାସୀବାକୁ ବସିଛି। ସହରର ଗୁରୁଜଙ୍ଗ, ଠେଙ୍ଗାହାଟ, ଜେମାଦେଇ, ବରୁଣେଇ ଶିଳ୍ପାଂଚଳ ପ୍ରଭୃତି ଅଂଚଳ ଏବେ ଧଳାଜହର ହବ୍ ସେଂଟର ପାଲଟିଥିବାବେଳେ ଏହା ଏବେ ଗ୍ରାମାଂଚଳରେ ପଶିଲାଣି। ନିୟମିତ ବ୍ୟବଧାନରେ ଏଠାରୁ ପୁଳା ପୁଳା ଧଳାଜହର ଜବତ କରାଯାଉଛି। ଅଧିକାଂଶ ଯୁବକ ଏହାକୁ ରୋଜଗାରର ପନ୍ଥା ଭାବେ ଗ୍ରହଣ କରିନେଇଛନ୍ତି। ଯାହା ଗତ ୪ଦିନର ଆଦର୍ଶଥାନା, ଟାଙ୍ଗୀ ଓ ସଦର ଥାନାରେ ଜବତ ହୋଇଥିବା ୮୦୪ଗ୍ରାମ ବ୍ରାଉନସୁଗର ଘଟଣା ସ୍ପଷ୍ଟ କରୁଛି।

ସୂଚନା ଅନୁସାରେ, ଗତ ସୋମବାର ଗୁରୁଜଙ୍ଗ ଦେୱାନସାହି ଅଂଚଳର ଏକ ଖୋଲାପଡିଆ ରେ ଆଦର୍ଶ ଥାନା ପୁଲିସ ଚଢ଼ଉ କରି ମହିଳା ବେପାରୀ ସନ୍ଧ୍ୟାରାଣୀ ବେହେରା ଓରଫ ବେବିନା (୨୬) ଓ ଗ୍ରାହକ ଶିଳ୍ପାଂଚଳ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦ ପିଏନ୍ କଲେଜ୍ ଛକ ଠାରେ ରହୁଥିବା ରୋହନ୍ ଖାନ୍ ଓରଫ୍ ବବୁଲ (୨୭) କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୪୫ଗ୍ରାମ ଓଜନର ବ୍ରାଉନସୁଗର ଓ ୩ଟି ଦାମୀ ମୋବାଇଲ ଫୋନ୍‌କୁ ପୁଲିସ ଜବତ କରିଥିଲା। ବୁଧବାର ଟାଙ୍ଗୀ ଥାନା ଅନ୍ତର୍ଗତ ତଳଗଡ କୁହୁଡି ବେଣିପଥର ରାସ୍ତାରେ ଚଢଉ କରି ପୁଲିସ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଜେମାଦେଇପୁର ରେ ଅସ୍ଥାୟୀ ଭାବେ ରହୁଥିବା ବୌଦ୍ଧ ଜିଲ୍ଲା ରଞ୍ଜନାପଲ୍ଲୀ ର ଆକାଶ ସେଠୀ, ବାଲେଶ୍ୱର ଜିଲ୍ଲା ସହଦେବଖୁଣ୍ଟା ଥାନା ଅଧିନସ୍ଥ ଅଦରବଜାର ର ଏସ୍.କେ. ଅସରଫ୍ ଓରଫ ବାଉତି ଓ ଉକ୍ତ ଜିଲ୍ଲା ସୋର ଥାନା ଅଧିନସ୍ଥ ଅଭଣାର ଅତାସି ରଞ୍ଜନ ମାଝୀ ଓରଫ୍ ବାପୁ ପ୍ରମୁଖ ୩ଜଣ ବେପାରୀଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୫ଶହ ଗ୍ରାମ ଓଜନର ଧଳା ଜହର (ବ୍ରାଉନସୁଗର) ଗୋଟେ ବୋଲେରୋ, ଗୋଟେ ମୋଟରସାଇକେଲ, ୭୦ହଜାର ଟଙ୍କା, ତିନୋଟି ମୋବାଇଲ ଫୋନ, ପ୍ରାୟ ୪ ଭରି ଓଜନ ର ବିଭିନ୍ନ ସୁନା ଅଳଙ୍କାର କୁ ପୁଲିସ ଜବତ କରିଥିଲା। ଜବତ ବ୍ରାଉନସୁଗର ର ମୂଲ୍ୟ ୫୦ ଲକ୍ଷ ଟଙ୍କା ବୋଲି ପୁଲିସ ଆକଳନ କରିଛି।ଏହାର ପରଦିନ ଅର୍ଥାତ୍ ଗୁରୁବାର ସଦରଥାନା ଅନ୍ତର୍ଗତ ଝିଙ୍କିଝାରୀ ମୌଜାରେ ରହିଥିବା ବିପଦପୂର୍ଣ୍ଣ ଗ୍ରୀନ୍ ଲେକ୍ (ଓଡ଼ିଶା ସାଇକ୍ଲୋନ୍ ଲେକ୍) ନିକଟରେ ପୁଲିସ ଚଢଉ କରି ବେପାର କରୁଥିବା ବ୍ରାଉନସୁଗର ବ୍ୟବସାୟୀ ଦଧିମାଛଗାଡିଆର ବଳରାମ ଦଳେଇ ଓରଫ୍ ରାଜା (୨୬), ସୌରଜିତ୍ ବିଶ୍ୱାଳ ଓରଫ ସୌରଜିତ୍ (୨୧), ଦୀପକ ପାତ୍ର (୨୧) ଏବଂ ଗ୍ରାହକ ହେଲେ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ହରିରାଜପୁର ର ସୌମ୍ୟରଞ୍ଜନ ରାୟ (୨୨)ଙ୍କୁ ପୁଲିସ ଗିରଫ କରିଥିଲା। ସେମାନଙ୍କ ଠାରୁ ପୁଲିସ ୨୫୯ଗ୍ରାମ ଓଜନର ବ୍ରାଉନସୁଗର, ନଗଦ୩୦ ହଜାର ଟଙ୍କା, ୪ଟି ସ୍ମାର୍ଟଫୋନ୍, ଦୁଇଟି ବାଇକ୍ କୁ ଜବତ କରାଯାଇଛି। ଜବତ ବ୍ରାଉନସୁଗର ର ମୂଲ୍ୟ ୨୫ଲକ୍ଷ ୯୦ହଜାର ବୋଲି ପୁଲିସ ଆକଳନ କରିଥିଲା।

ସହର ଓ ଗ୍ରାମାଂଚଳରେ ଧଳାଜହର ସେବନକାରୀଙ୍କ ସଂଖ୍ୟା ବଢିବା ସହ ଅସମାଜିକ କାର୍ଯ୍ୟକଳାପ ମଧ୍ୟ ବଢୁଛି। ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଆଶାରେ ଏଥିରେ ପାଦ ଥାପିଥିବା ଯୁବକ ମାନେ ଏଥିରୁ ବାହାରିବା ପରିବର୍ତେ ଏହାକୁ ପେଶା ଭାବେ ଗ୍ରହଣ କରିନେଉଛନ୍ତି। ପରିସ୍ଥିତି ଏପରି ହେଲାଣି ଯେ, କେତକ ଅଂଚଳରେ ସପରିବାର ଏହି କାରବାରରେ ଲିପ୍ତ ରହୁଥିବା ଜଣାପଡିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ପରିବାରରେ ମହିଳା ମାନେ ମଧ୍ୟ ଏଥିରେ ସାମିଲ ହୋଇ ଗ୍ରୋସରୀ ଦୋକାନ ଚଳାଇବା ଭଳି ବେପାରରେ ମାତିଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ପୁଲିସ ହାତରେ ଛୋଟ ବେପାରୀ ଧରାପଡୁଥିବାବେଳେ ମାଫିଆମାନେ ଆଜି ମଧ୍ୟ ଖୋଲା ଖୋଲିଭାବେ ବୁଲୁଛନ୍ତି। ଅନେକସମୟରେପୁଲିସଧରପଗଡ ବେଳେ ମାଷ୍ଟରମାଇଣ୍ଡ ଖସି ଯାଉଛନ୍ତି। ତେବେ ଧଳାଜହର କାରବାର ପଛର ମୁଖ୍ୟଅଭିଯୁକ୍ତ ନିକଟରେ ପୁଲିସ ପହଁଚି ପାରିନି। ଏହାର ଚେର କେଉଁ ସ୍ଥାନ ପର୍ଯ୍ୟନ୍ତ ଲମ୍ବିଛି। ଏମାନେ କେଉଁଠାରୁ ଧଳାଜହର ଆଣୁଛନ୍ତି। କିଏ ଏମାନଙ୍କୁ ମାଲ ଯୋଗାଉଛି। ଏହାର ପଛର ମୁଖ୍ୟ ଖଳନାୟକ କିଏ, ଆଜି ପର୍ଯ୍ୟନ୍ତ ପୁଲିସ ଖୋଜି ପାଉନାହିଁ। ଏହାକୁ ମୂଳପ୍ୱାଟୋନ ଲାଗି ପୁଲିସର ସେଭଳି କୌଣସି ଷ୍ଟ୍ରାଟେଜି ନ ଥିବାଭଳି ମନେହେଉଛି। ତେଣୁ ଜିଲ୍ଲା ପୁଲିସ ଏହାକୁ ଗୁରୁତର ସହ ଗ୍ରହଣ କରି ପ୍ରତ୍ୟେକ ଥାନା ଅଂଚଳରେ ସ୍ୱତନ୍ତ୍ର ଚଢଉ କରି ବ୍ରାଉନସୁଗରର ମୂଳୋତ୍ପାଟନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସ୍କୁଟି ଉପରେ ଚଢ଼ିଗଲା ଚାଉଳ ବୋଝେଇ ଟ୍ରକ୍, ୨ ଯୁବତୀ ଗୁରୁତର

ନିରାକାରପୁର,୮।୫ (ସମିସ): ୧୬ ନମ୍ବର ଜାତୀୟ ରାଜପଥରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ମା' ଉଗ୍ରତାରାଙ୍କ ଦର୍ଶନ ସାରି ସ୍କୁଟିରେ ଫେରୁଥିବା ବେଳେ ଦୁଇ ଜଣ ଯୁବତୀଙ୍କ ଉପରେ ଏକ ଚାଉଳ ବୋଝେଇ ଟ୍ରକ ଚଢ଼ିଯାଇଛି। ଏହି ଦୁର୍ଘଟଣାରେ ଦୁଇ ଯୁବତୀ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରର ଦୁଇ ଯୁବତୀ ମା' ଉଗ୍ରତାରାଙ୍କ ପୀଠରୁ ଦର୍ଶନ ସାରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ୧୬ ନମ୍ବର ଜାତୀୟ ରାଜପଥସ୍ଥିତ ଉଗ୍ରତାରା ଛକ ନିକଟରେ ଏକ ଚାଉଳ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ସ୍କୁଟି ଉପରେ ଚଢ଼ିଯାଇଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ, ଟ୍ରକଟି ସ୍କୁଟିକୁ ପ୍ରାୟ ୨୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ଜଣେ ଯୁବତୀଙ୍କ ଦୁଇଟି ଯାକ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଅନ୍ୟ ଜଣଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ମଧ୍ୟ ଗାଡ଼ି ଆସିବାରେ ବହୁ ବିଳମ୍ବ ହୋଇଥିଲା। ଶେଷରେ ସମୟ ନଷ୍ଟ ନକରି ପୋଲିସ ଗାଡ଼ିରେ ଦୁଇ ଗୁରୁତରଙ୍କୁ ଉଦ୍ଧାର କରାଯାଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସୂଚନାଯୋଗ୍ୟ ଯେ, ଟ୍ରକଟି ଜଟଣୀରୁ ପିଡିଏସ୍ ଚାଉଳ ବୋଝେଇ କରି ନିକଟସ୍ଥ ଏକ ସରକାରୀ ଗୋଦାମକୁ ଆସୁଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚାଉଳ ବୋଝେଇ ଟ୍ରକକୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି।



## ରଥିପୁରରେ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ, କଟୁରି ଜବତ

ଜଟଣୀ, ୮।୫ (ସମିସ): ଜଟଣୀ ଥାନା ଅନ୍ତର୍ଗତ ରଥିପୁରରେ ଗତକାଲି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ କରିବା ଘଟଣାରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ରଥିପୁରର ପ୍ରିୟରଞ୍ଜନ ମାଝି ଓରଫ୍ ରିଙ୍କୁ (୩୨) ।ତା ନିକଟରୁ ଆକ୍ରମଣରେ ବ୍ୟବହୃତ ଏକ କଟୁରି ପୁଲିସ ଜବତ କରିଛି। ଗତକାଲି ଅପରାହ୍ନ ସମୟରେ ଅଭିଯୋଗକାରୀ ପ୍ରଶାନ୍ତ ମାର୍ଥା ସାକ୍ଷୀ ଗୋପୀନାଥ ମନ୍ଦିର ନିକଟରେ ବସିଥିଲେ। ଏହି ସମୟରେ ଅଭିଯୁକ୍ତ ରିଙ୍କୁ ଓ ତାଙ୍କର କିଛି ସହଯୋଗୀ ପହଞ୍ଚି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ କଟୁରିରେ ଆକ୍ରମଣ କରିଥିଲେ। ତାଙ୍କର ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିବା ସହ ସେ ତଳେ ପଡ଼ି ଯାଇଥିଲେ। ଚିତ୍କାର ଶୁଣି ଗାଁ ଲୋକ ଦୌଡ଼ି ଆସି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ୍ ରେ ଭର୍ତ୍ତି କରିଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ। ତେବେ ଅଭିଯୁକ୍ତ ରିଙ୍କୁ ନାଁରେ ପୂର୍ବରୁ ଜଟଣୀ ଥାନାରେ ଏକ ମାମଲା ରହିଥିବା ବେଳେ ସେ ଫେରାର୍ ଥିଲା। ଗାଁକୁ ଫେରି ଏକ ବିବାହ ଭୋଜିରେ ଯୋଗଦେଇଥିଲେ। ଘଟଣା ସମ୍ପର୍କରେ ଅଭିଯୋଗକାରୀ ପୁଲିସକୁ ସୂଚନା ଦେଇଥିବା ଭାବି ଆକ୍ରମଣ କରିଥିବା ପୁଲିସ ସୂଚନା ଦେଇଛି।

## ମା' ଭଗବତୀଙ୍କ ପ୍ରସିଦ୍ଧ ଭଉଁରୀ ଯାତ୍ରାରେ ଚାପ କ୍ରୀଡ଼ା



ବାଣପୁର, ୮।୫(ସମିସ) : ବାଣପୁରର ଅଧୀଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ପବିତ୍ର ଅକ୍ଷୟ ତୃତୀୟା ତିଥିଠାରୁ ଚନ୍ଦନ ଯାତ୍ରା ଆରମ୍ଭ ହୋଇଯାଇଛି। ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପରୁ ଉପଶମ ଲାଗି ପ୍ରତ୍ୟହ ଦି ପ୍ରହର ଶଙ୍କୁଡ଼ି ଧୂପ ପରେ ଦେବା ଦେବୀଙ୍କ ଶ୍ରୀଅଙ୍ଗକୁ ଶୀତଳ ପ୍ରଦାନ ନିମନ୍ତେ ଚଳନ୍ତି ପ୍ରତିମାଙ୍କ ପାଟବସ୍ତ୍ର ଓଲାଗି କରାଯାଇ ସୁକ୍ଷ୍ମବସ୍ତ୍ର ପତନୀ ପନ୍ଧା ଯାଇ ଶ୍ରୀକର୍ପୁର, ଜାଇଫଳ, ଅଗୁରୁ, ଗୋଲାପ ଜଳ ମିଶ୍ରିତ ସୁବାଷିତ ଚନ୍ଦନ ଲେପନ କରାଯାଇ ଶରୀରକୁ ଶୀତଳ ରଖାଯିବାର ପରମ୍ପରା କାହିଁ କେଉଁ ଆବାହନ କାଳରୁ ଚଳି ଆସୁଛି। ନୀତକାନ୍ତି ଅନୁଯାଇ ଅପରାହ୍ନ ପର୍ଯ୍ୟନ୍ତ ଦେବାଦେବୀ ଙ୍କ ପ୍ରତିମାଙ୍କୁ ମଲ୍ଲୀ, ଜୁଇ, ଜାଇ, ଚମ୍ପା, ଗୋଲାପ ଆଦି ସୁବାଷିତ ପୁଷ୍ପ ପରିବେଷ୍ଟିତ ଚନ୍ଦନ କୁଣ୍ଡ ଜଳରେ ରଖି ଶୀତଳ ମଣୋହୀ ଆଳତି ପରେ ସଂଧ୍ୟାରେ ରତ୍ନସିଂହାସନରେ ବିଜେ କରାଯାଇ ନିଶଙ୍କୁଡ଼ି ଧୂପ ଆଳତି ବଢ଼ିବା ପରେ ବଡ଼ସିଂହାର ଧୂପ ହୋଇ ପହଡ଼ ପଡ଼ିଥାଏ। ବୈଶାଖ ଶୁକ୍ଳ ତୃତୀୟା ଠାରୁ ଆରମ୍ଭ ଏହି ଚନ୍ଦନ ଯାତ୍ରାର ଅନ୍ତିମ ତିନି ଦିନ ଦେବାଦେବୀଙ୍କ ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚଳନ୍ତି ପ୍ରତିମାଙ୍କୁ ସାଂଧ କାଳର ଶୀତଳ ପବନ ସ୍ପର୍ଶ ଲାଗି ସ୍ଥାନୀୟ ଗୋପାଳପୁର ଶାସନ ସ୍ଥିତ ମାଜଣା ପୁଷ୍କରିଣୀରେ ମା'ଭଗବତୀଙ୍କ ସହ ଶାସନର ଦେବାଦେବୀ ବିଜେ କରି ଚାପଯାତ୍ରାରେ ଜଳକ୍ରୀଡା କରିଥାନ୍ତି। ମା'ଭଗବତୀଙ୍କ ବାର ମାସରେ ତେର ଯାତ୍ରା ମଧ୍ୟରୁ ପ୍ରସିଦ୍ଧ ଉଉଁରୀ ଯାତ୍ରା ଅନ୍ୟତମ। ମା ବର୍ଷରେ ଦୁଇ ଥର ନୌବିହାର କରୁଥିବା ବେଳେ ତନ୍ମଧ୍ୟରୁ ଭାଦ୍ରବ ଶୁକ୍ଳ ସପ୍ତମୀରେ ଚିଲିକାରେ ନୌବିହାର ଏବଂ ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ, ସପ୍ତମୀ, ଅଷ୍ଟମୀ ତିନି ଦିନ ଧରି ଗୋପାଳପୁର ଶାସନର ମାଜଣା ପୁଷ୍କରିଣୀରେ ମା' ଭଗବତୀଙ୍କ ଚାପ କ୍ରୀଡ଼ା ତଥା ଉଉଁରୀ ଯାତ୍ରା ସମଗ୍ର ଉତ୍କଳରେ ନିଆରା ପରମ୍ପରା। ବାଣପୁର ଅଞ୍ଚଳର ଆଠ ବ୍ରାହ୍ମଣ ଶାସନ ମଧ୍ୟରୁ ତିନି ଶାସନ ଗୋପାଳପୁର, କୋଟ ବିଦ୍ୟାଧରପୁର ଓ ପାଟପୁର ଶାସନବାସୀଙ୍କ ନିମନ୍ତ୍ରଣ କ୍ରମେ ମା' ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ସ୍ତମ୍ଭେଶ୍ୱରୀ, ଶ୍ରୀ ଶ୍ରୀ ଦକ୍ଷେଶ୍ୱର ଦେବ, ଶ୍ରୀ ଶ୍ରୀ ଗୋପୀନାଥ ଦେବ ଏବଂ ଶ୍ରୀ ଶ୍ରୀରଙ୍ଗନାଥ ଦେବ ନିଯୋଗୀ ସେବାୟତଙ୍କ ସହିତ ଥାଟ ପଟୁଆର ଘଣ୍ଟଘଣ୍ଟା କାହାଳୀ ବାଜାରୋଷଣୀରେ ଗୋପାଳପୁର ସ୍ଥିତ ମାଜଣା ପୁଷ୍କରିଣୀର ଚନ୍ଦନ ଚକାଡ଼ାରେ ପହଞ୍ଚିବା ପରେ ଏହି ଭଉଁରୀ ଯାତ୍ରା ଆରମ୍ଭ ହୁଏ। ସେଠାରେ ଦେବାଦେବୀଙ୍କୁ ପଞ୍ଚୋପଚାରରେ ଶୀତଳ ମଣୋହୀ କରାଯାଇ ସୁସଜ୍ଜିତ ନୌକାରେ ସାତ ଘେରା ଜଳକ୍ରୀଡା ତଥା ଚାପକ୍ରୀଡା କରିଥାନ୍ତି। ଯାହା ଭଉଁରୀ ଯାତ୍ରା ଭାବେ ପରିଚିତ। ନୌବିହାର ସାରି ଦେବାଦେବୀ ପୁଷ୍କରିଣୀ କୂଳର ଚନ୍ଦନ ଚକଡ଼ାକୁ ଓହ୍ଲାଇ ଶୀତଳ ମଣୋହୀ ଆଳତି ସାରି ଦ୍ୱିତୀୟ ନୈବିହାର ପରେ ମଧ୍ୟରାତ୍ରରେ ଦେବାଦେବୀ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ପରେ ବଡ଼ସିଂହାର ଧୂପ ହୋଇ ରାତ୍ର ପହୁଡ଼ ନୀତିକାନ୍ତି ହେବାର ପରମ୍ପରା କାହିଁ କେଉଁ କାଳରୁ ଚଳି ଆସୁଛି। ଚଳିତ ବର୍ଷ ମନ୍ଦିର ଦେବୋତ୍ତର କାର୍ଯ୍ୟାଳୟ ସହ ପାଟପୁର, କୋଟପୁର ଓ ଗୋପାଳପୁର ଶାସନବାସୀ ସମସ୍ତ ପ୍ରକାର ସୁବ୍ୟବସ୍ଥା ସହିତ ତିନି ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମରେ ରାମନାଟକ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି।

## ସାଇ ଆଶ୍ରିତ ରାଜକିଶୋର ମହାପାତ୍ରଙ୍କ ପରଲୋକ

ଚିଲିକା,୮।୫(ସମିସ): ଭଗବାନ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଆଶ୍ରିତ ରାଜକିଶୋର ମହାପାତ୍ର ଆଉ ନାହାଁନ୍ତି। ଆଜି ନିଜ ଜନ୍ମ ସ୍ଥାନ ରଣପୁରସ୍ଥ ବାସଭବନ ଠାରେ ତାଙ୍କର ପରଲୋକ ହୋଇଯାଇଅଛି। ମୃତ୍ୟୁ ସମୟକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ସେ ଭଗବାନ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଆଶ୍ରିତ ଥିବା ଯୋଗୁଁ ଅଖଣ୍ଡ ପୁରୀ ଜିଲ୍ଲା ସାଇ ସଂଗଠନର ଯେ କୌଣସି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ ଜଣେ ଅଗ୍ରଗାମୀ ସାଇ ଭଜନ ଗାୟକ ଭାବେ ସମସ୍ତଙ୍କ ପାଖରେ ସୁପରିଚିତ ଥିଲେ। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନ ଠାରେ ଶବ ସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ମାନସ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଖୋର୍ଦ୍ଧା ଜିଲ୍ଲା ସାଇ ସଂଗଠନର ସଭାପତି ବ୍ରଜସୁନ୍ଦର ମିଶ୍ର, ଜିଲ୍ଲା ସେବାଦଳ ସଂଗଠକ ରାଜକିଶୋର ଭୋପା ଓ ବାଣପୁର ସମିତି ଆବାହକ ବିଭୂତି ଭୂଷଣ ଘଡେଇ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି।

## ଉତ୍ତର ଖୋର୍ଦ୍ଧାରେ ବିଜେଡିର କର୍ମୀ ସମ୍ମିଳନୀ



ଖୋର୍ଦ୍ଧା,୮।୫(ସମିସ):

ଜଟଣୀ ନିର୍ବାଚନମଣ୍ଡଳୀରେ ଥିବା ଉତ୍ତର ଖୋର୍ଦ୍ଧାର ୭ଫଂଚାୟତର ବିଜେଡି କର୍ମୀ ସମ୍ମିଳନୀ ଆଜି ସନ୍ଧ୍ୟାରେ ନିଆଳ ଖେଳପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ବରସାହି ସରପଞ୍ଚ ଶରତ କୁମାର ବେହେରାଙ୍କ ସଭାପତିତ୍ୱରେ ଅତିଥିଭାବେ ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ଯୋଗଦେଇ ଫଂଚାୟତ ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳର ସଂଗଠନ କୁ ପୁନର୍ବାର ମଜୁବତ କରିବା ଲାଗି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ୭ଫଂଚାୟତ ର ୨୦ଜଣ ଲେଖା ଛାମୁଆ କର୍ମୀମାନେ ଉପସ୍ଥିତ ରହି ସେମାନଙ୍କର ଫଂଚାୟତ ସମସ୍ୟା ବିଧାୟକ ଶ୍ରୀ ବଳବନ୍ତରାୟଙ୍କ ପାଖରେ ଉପସ୍ଥାପନା କରିଥିଲେ। ପ୍ରତ୍ୟକ ଫଂଚାୟତ ର ଛାମୁଆ କର୍ମୀମାନଙ୍କ ସାଙ୍ଗରେ ଯାଇ ସବୁ ସମସ୍ୟା ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ ବିଧାୟକ। ପଚାୟତର ତୃଣମୂଳସ୍ତରରେ ଲୋକଙ୍କ ସହ ରହି କାର୍ଯ୍ୟ କରିବାକୁ ବିଧାୟକ ସମସ୍ତ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ବୈଠକରେ ରଜନୀକାନ୍ତ ପଟ୍ଟନାୟକ (ବାବୁ ଭାଇ)ଙ୍କ ସମେତ ୭ ଫଂଚାୟତର ଛାମୁଆ କର୍ମୀମାନେ ଯୋଗଦେଇଥିଲେ। ଶେଷରେ ମଲ୍ଲିପୁର ଫଂଚାୟତ ର ପୂର୍ବତନ ସରଫଂଚ ବିଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଜଳଛତ୍ର



ବାଲୁଗାଁ,୮।୫(ସମିସ) : ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ ଓ ରୋଭର-ରେଞ୍ଜର ଶାଖା ପକ୍ଷରୁ ବାଲୁଗାଁ ଚିଲିକା କୂଳ ଜେଟି ନିକଟରେ ଜଳଛତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଓ ଅଧାପିକା ରୀନା ରାଉତ, ଯୁବ ରେଡ଼କ୍ରସ ପରାମର୍ଶଦାତା ଡକ୍ଟର ମନସ୍ୱିନୀ ପଟ୍ଟନାୟକ ଓ ଅଧାପକ ଧୋବୀ ଚରଣ ପରିଡା, ରୋଭର-ରେଞ୍ଜର ଅଧିକାରୀ ଅଧାପିକା ସ୍ନିଗ୍ଧାରାଣୀ ମୁଦୁଲି ଓ ଦୀପକ କୁମାର ପରିଡାଙ୍କ ନେତୃତ୍ୱରେ ଚିଲିକା କୂଳରେ ଆରମ୍ଭ ହୋଇଥିବା ଉକ୍ତ ଜଳଛତ୍ର କାର୍ଯ୍ୟକ୍ରମକୁ ଅଧକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ଉଦଘାଟନ କରିଥିଲେ।

## ଜଟଣୀ ତହସିଲରେ ହେଉଛି ବେଆଇନ ଲିଗାଲହେୟର

ଜଟଣୀ, ୮।୫ (ସମିସ): ଜଟଣୀ ତହସିଲରେ ଚାଲିଛି ଲିଗାଲ ହେୟର ଜାଲିଆତି । ଆବଶ୍ୟକୀୟ ଦସ୍ତାବିଜ ନଥାଇ ବେଆଇନ ଭାବେ ଅନୁମୋଦନ ହେଉଛି ପ୍ରମାଣପତ୍ର । ଘଟଣାରେ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ଯୁବ ଆଇନଜୀବୀ । ସୂଚନା ମୁତାବକ,ଜଟଣୀ ତହସିଲ ଅଧୀନ ବଡତୋଟା ଅଞ୍ଚଳର ଏକ ଉତ୍ତରାଧିକାରୀ ପ୍ରମାଣପତ୍ରକୁ ଆବଶ୍ୟକୀୟ ପ୍ରମାଣ ଅଭାବରୁ ଏପ୍ରିଲ ୨୦୨୫ରେ ଖାରଜ କରାଯାଇଥିଲା। ଜଟଣୀ ରାଜସ୍ୱ ନିରୀକ୍ଷକ ଏହାର ସତ୍ୟାସତ୍ୟ ତଦନ୍ତ କରି ତହସିଲକୁ ରିପୋର୍ଟ ଦେଇଥିଲେ । କିନ୍ତୁ ୨୦୨୬ ଏପ୍ରିଲ ମାସରେ ଜଟଣୀ ତହସିଲର ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ ସେହି ସମାନ ମାମଲାରେ ଆଉ ଏକ ପ୍ରମାଣ ପତ୍ର ଜରିଆରେ ଏହାକୁ ବେଆଇନ ଭାବେ ଅନୁମୋଦନ କରିଦେଲେ । ଉପଯୁକ୍ତ ଇସ୍ତାହାର ଏବଂ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ପରେ ହିଁ ଉତ୍ତରାଧିକାରୀ ପ୍ରମାଣପତ୍ର ଅନୁମୋଦିତ ହେବା ଆଇନ ଅନୁସାରେ ନିୟମ ରହିଛି। କିନ୍ତୁ ଏହି ମାମଲାରେ ଅତିରିକ୍ତ ତହସିଲଦାର ଶ୍ରୀ ସ୍ୱାଇଁ ଜାଣିଶୁଣି ଆଇନ ଉଲ୍ଲଙ୍ଘନ କରିଛନ୍ତି। ଏହି ପ୍ରମାଣପତ୍ର ପାଇବା ପରେ କୋଟି କୋଟି ଟଙ୍କାର ଜମି ବିକ୍ରି ହେବାକୁ ମସୁଧା ଚାଲିଥିବା ଜଣାପଡିବା ପରେ ତହସିଲରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ତହସିଲଦାର ଶିବାଶିଷ ପରିଡା ଏହି ଘଟଣାର ଯାଞ୍ଚ କରିଥିଲେ ଏବଂ ଏଥିରେ ଜାଲିଆତି ହୋଇଥିବା ସ୍ୱୀକାର କରିଛନ୍ତି । ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି । ରୋଚକ କଥା ହେଉଛି ୧୯ ଏପ୍ରିଲ ୨୦୨୬ ରେ ଡେପୁଟେସନ ରେ ଯାଇ ଭୁବନେଶ୍ୱର ତହସିଲରେ ଯୋଗ ଦେବାକୁ ଅଶୋକ ସ୍ୱାଇଁଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଶୋକ ସ୍ୱାଇଁ ଭୁବନେଶ୍ୱର ତହସିଲରେ ଯୋଗ ଦେବା ପୂର୍ବରୁ ଏପ୍ରିଲ ୩୦ ରେ ଏହି ଉତ୍ତରାଧିକାରୀ ପ୍ରମାଣ ପତ୍ରକୁ ବେଆଇନ ଭାବେ ଅନୁମୋଦନ କରିଦେଇଛନ୍ତି ।

# ଖୋର୍ଦ୍ଧାର ସମସ୍ତ ଥାନାରେ ଶୁଭାରମ୍ଭ ହେଲା 'ଜୁଭେଣ୍ଟିକା'




ଖୋର୍ଦ୍ଧା,୮।୫(ସମିସ): ଖୋର୍ଦ୍ଧା ପୁଲିସ ପକ୍ଷରୁ ସମସ୍ତ ଥାନାରେ ଜୁଭେନ୍ତିକା ଶୁଭ ଉଦ୍‌ଘାଟନ ହୋଇଯାଇଛି। ଆଦର୍ଶ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧକ୍ଷକ ବିବେକାନନ୍ଦ ଶର୍ମା ଅତିଥିଭାବେ ଯୋଗଦେଇ ଜୁଭେନ୍ତିକା ମାଧ୍ୟମରେ ପୁଲିସ ଶିଶୁ ଓ କିଶୋର-କିଶୋରୀମାନଙ୍କ ପାଇଁ ପୁଲିସ ବ୍ୟବସ୍ଥାକୁ ଅଧିକ ସହଜ, ସୁରକ୍ଷିତ ଓ ବନ୍ଧୁତ୍ୱପୂର୍ଣ୍ଣ କରିବାକୁ ଉଦ୍ୟମ କରାଯାଉଛି ବୋଲି କହିଥିଲେ। ଏହି ପ୍ରୟାସ ଯୁବ ପିଢ଼ି ଓ ପୁଲିସ ମଧ୍ୟରେ ବିଶ୍ୱାସ ଏବଂ ସହଯୋଗ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେ ସମସ୍ତ କିଶୋର-କିଶୋରୀମାନଙ୍କୁ ନିର୍ଭୟରେ ପୁଲିସ ସହ ଯୋଗାଯୋଗ କରି ନିଜ ସମସ୍ୟା ଜଣାଇବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଆଦର୍ଶ ଥାନା ପୁଲିସ ପକ୍ଷରୁ ପିଲାଙ୍କ ଗୋଲାପ ଫୁଲ, ଚକଲେଟ ଦେଇ ଶୁଭେଚ୍ଛା ଜଣାଇଥିଲେ। ପରେ ପିଲା ମାନେ ଥାନା ପରିସର ବୁଲିଥିଲେ। ଥାନାଧିକାରୀ ସଞ୍ଜୟ ନାୟକ ଥାନାରେ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ମହିଳା, ପୁରୁଷଙ୍କ ପାଇଁ ରହିଥିବା ହାଜତ, ମାଲଖାନା, ଅସ୍ତ୍ରାଗାର, ସିସିଟିଭି କଂଟ୍ରୋଲ ରୁମ କାମ ସମ୍ପର୍କରେ ଶିଶୁ ମାନେ ଜାଣିଥିଲେ।

ସେହିପରି ସଦର ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଏସ୍‌ପି ଅନୀଲ ମହାନ୍ତି ଯୋଗଦେଇ ଶିଶୁ ଅଧିକାର, ସୁରକ୍ଷା ଏବଂ ଭବିଷ୍ୟତ ଗଠନ ଉପରେ ପରାମର୍ଶ ଦେଇଥିଲେ। କୌଣସି ଶିଶୁ ଅସୁବିଧାରେ ପଡିଲେ ବିନା କୌଣସି ସଙ୍କୋଚରେ ନିର୍ଭୟରେ ଥାନାକୁ ଆସି ନିଜର ଅଭିଯୋଗ କହିପାରିବେ ବୋଲି କହିଥିଲେ। ଏଥିରେ ୩୦ଜଣ ଝିଅ, ୫ଜଣ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ କୁ ଥାନା ଅଧିକାରୀ ବାସୁଦେବ ଜୟସିଂହ ପରିଚାଳନା କରିଥିବାବେଳେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତଥିଲେ।

**ବାଣପୁର** : ୟୁନିସେଫ ଏବଂ ଓଡିଶା ପୁଲିସର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ନାବାଳକ, ନାବାଳିକାଙ୍କ ପାଇଁ ଡିଜିଟାଲ ସୁରକ୍ଷା ଓ ଅନଲାଇନ ନିରାପତ୍ତା ସମ୍ପର୍କରେ ଏକ କର୍ମଶାଳା "ଜୁଭେଣ୍ଟିକା" ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପୁଲିସ ତରଫରୁ ୫୫୫ଟି ଥାନାରେ ପ୍ରାୟ ୧୫ ହଜାର ନାବାଳକ, ନାବାଳିକାଙ୍କୁ ଏହି "ଜୁଭେଣ୍ଟିକା" କର୍ମଶାଳାରେ ସାମିଲ କରାଯାଇ ଥିବା ବେଳେ ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଯୋଗେଶ ବହାଦୁର ଖୁରାନିଆ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦବୋଧନ ଦେଇ ଏ ସମ୍ପର୍କରେ ରାଜ୍ୟର ବିଭିନ୍ନ କୋଣରୁ ଯୋଗ ଦେଇଥିବା ପିଲାମାନଙ୍କୁ ଉଦବୋଧନ ଦେବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବାଣପୁର ଥାନାରେ ଆୟୋଜିତ 'ଜୁଭେଣ୍ଟିକା" କର୍ମଶାଳାରେ ବାଣପୁର ଥାନା ଅଧିକାରୀ ଜୟପ୍ରକାଶ ପରିଡା ଓ ଜିଲ୍ଲା ସାଇବର ସେଲ ଡି ଏସ ପି ରବିନାରାୟଣ ଭଞ୍ଜ ଯୋଗଦେଇ ପ୍ରାୟ ୫୦ରୁ ଅଧିକ ନାବାଳିକା ଅଙ୍ଗନବାଡି ଦିଦିଙ୍କୁ ସାଇବର ନିରାପତ୍ତା, ମାନସିକ ସୁସ୍ଥତା, ଶିଶୁ ସମ୍ପର୍କିତ ଅନୁକୂଳ ନିୟମ, ଅନଲାଇନ ବ୍ୟବହାର ସମ୍ପର୍କରେ ଅବଗତ କରାଇ ଥିଲେ। ଏହି ଅବସରରେ କର୍ମଶାଳାରେ ସାମିଲ ଥିବା ନାବାଳିକାଙ୍କୁ ପୋଲିସ ଥାନା ବୁଲାଇବା ସହ ଭିଡିଓ ମାଧ୍ୟମରେ ସାଇବର ନିରାପତ୍ତା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାନ କାରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ପୁଲିସ ଅଧିକାରୀ ରଶ୍ମିତା ସାମଲ ଉପସ୍ଥିତ ନାବାଳିକା ମାନଙ୍କର ଉପରିସ୍ଥ ଅଧିକାରୀ ମାନଙ୍କ ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ସଂଯୋଜନା କରି ଥିଲେ। ସେହିପରି ବାଲୁଗାଁ ଥାନା ପରିସରରେ ଆୟୋଜିତ ଜୁଭେଣ୍ଟିକା କର୍ମଶାଳାରେ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକଙ୍କ ସହିତ ମହିଳା ଶିଶୁ ବିଭାଗ ଅଧିକାରୀ ଜ୍ୟୋତ୍ସ୍ନା ସାହୁ, ବାଲୁଗାଁ ପୋଲିସ କର୍ମଚାରୀ, ଚିଲିକା ବ୍ଲକ ସିଡିପିଓ ଯୋଗଦେଇ ଥିବା ବେଳେ ଏଥିରେ ସ୍ଥାନୀୟ ଅଞ୍ଚଳର ଅଙ୍ଗନବାଡି କର୍ମୀ, ଛାତ୍ରୀ ଓ ଶିଶୁ ମାନେ ସାମିଲ ହୋଇ ଥିଲେ। ଓଡିଶା ପୋଲିସର ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଭିଡିଓ କନଫରେନ୍ସ ମାଧ୍ୟମରେ ଶିଶୁ ସୁରକ୍ଷା ଓ ସାଇବର ସୁରକ୍ଷା ସମ୍ପର୍କରେ ସଚେତନତା କରାଇଥିଲେ। ଅନୁରୂପ ଭାବେ ନାଚୁଣୀ ଥାନା ଅଧିକାରୀ ବିଭୁତି ଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଥାନା ପରିସରରେ ଆୟୋଜିତ ଜୁଭେଣ୍ଟିକା କର୍ମଶାଳାରେ ଅତିରିକ୍ତ ଏସପି ଯୁଗଳ କିଶୋର ମଲ୍ଲିକ ଯୋଗଦେଇ ଥିଲେ। ଏଥିରେ ପ୍ରାୟ ୮୦ଜଣ ନାବାଳିକା ଓ ଶିଶୁ ସାମିଲ ହୋଇଥିବା ବେଳେ ସେମାନଙ୍କୁ ସାଇବର ସୁରକ୍ଷା ନିରାପତ୍ତା ସମ୍ପର୍କରେ ସଚେତନତା କରାଯାଇ ଥିଲା।

**ବେଗୁନିଆ** : ଓଡ଼ିଶା ପୁଲିସ୍ ଓ ୟୁନିସେଫର ମିଳିତ ଆନୁକୂଲ୍ୟରେ ବେଗୁନିଆ ଓ ବାଘମାରୀ ଥାନା ପରିସରରେ କିଶୋର ନ୍ୟାୟ ଅଧିନିୟମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଡିଏସପି ସସ୍ମିତା ରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମାଜରେ ଜନ ସାଧାରଣ ସଚେତନ ହେଲେ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ସମ୍ଭବ ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଉପନୀରିକ୍ଷକ ମନୋଜ କୁମାର ଶତପଥି, ପବନା ରାଉତରାୟ ,ରାଇଟର ଶ୍ରୀନିବାସ ବାରିକଙ୍କ ସମେତ ମହିଳା ପୁଲିସ୍ କର୍ମଚାରୀ, କିଶୋର-କିଶୋରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।ଏହି ଅବସରରେ ୧୦ ବର୍ଷରୁ ୧୯ ବର୍ଷର କିଶୋରଙ୍କ ବାଲ୍ୟ ବିବାହ, ସାଇବର କ୍ରାଇମ୍, ମୋବାଇଲ୍ ଆଡିକ୍ସନ୍, ପୋସ୍କୋ ନିୟମ ଓ କିଶୋର ନ୍ୟାୟ ଅଧି ନିୟମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସେହିପରି ବାଘମାରି ଥାନା ପକ୍ଷରୁ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ ଅନାଦି ଚରଣ ସେଠୀ ମୁଖ୍ୟଅତିଥି, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତି ସଭ୍ୟା ନବନିତା ମହାନ୍ତି,ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ଓ ଆଇନଜୀବୀ ମନିରା ବେଗମ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କିଶୋର ନ୍ୟାୟ ଅଧିନିୟମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ନିରାକାରପୁର** : ଆଜି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପୋଲିସ ଷ୍ଟେସନ ପରିସରରେ "ଜୁଭେଣ୍ଟିକା' ନାମକ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ ସଭାପତିତ୍ୱ କରିଥିବାବେଳେ ଥାନା ନୋଡାଲ ଅଫିସର୍ ଇନ୍ସପେକ୍ଟର ଜ୍ୟୋତି ପ୍ରକାଶ ପଣ୍ଡା ଯୋଗଦେଇ କିଶୋର କିଶୋରୀମାନଙ୍କୁ ସେମାନଙ୍କ ସୁରକ୍ଷା, ଅଧିକାର ଏବଂ ସାମ୍ପ୍ରତିକ ସମାଜରେ ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ଅପରାଧ ବିଷୟରେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏ ଏସ ଆଇ ମିନତୀ ମଲ୍ଲିକ, ଗୁପ୍ତ ମହାନ୍ତି ଓ ପାର୍ବତୀ ବିଶ୍ୱାଳ, ହାବିଲଦାର ଆର କେ ବେହେରା ସମେତ ସମସ୍ତ କନେଷ୍ଟବଳ , ହୋମ ଗାର୍ଡ ଉପସ୍ଥିତ ରହି ସହଯୋଗ କରିଥିଲେ।

